visit us at
www.paryabekhyak.com

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK पर्यवेक्षक

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.242 Bhubaneswar Sunday, November 14, 2021 | ୨୪ତମ ବର୍ଷ ସଂଖ୍ୟା-୨୪୨ ଭୁବନେଶ୍ୱର, ରବିବାର, ନଭେମ୍ବର ୧୪, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ଘଞ୍ଚ ଜଙ୍ଗଲରେ ମିଳିଲା ବଡ ସଫଳତା, ୨୬ ମାଓବାଦୀ ସଫା



ନାଗପୁର, ୧୩।୧୧(ପି.ଏନ): ମହାରାଷ୍ଟ୍ରର ଗଡଚ଼ିରୋଲିରେ ପୁଲିସ୍ ? ପକ୍ଷରୁ କରାଯାଉଥିବା ମାଓବାଦୀ ବିରୋଧୀ ଅପରେସନକୁ ମିଳିଛି ସବୁଠାରୁ ବଡ ସଫଳତା। ଶନିବାର ସକାଳୁ ପୁଲିସ୍‌ର ସି-୬୦ କମାଣ୍ଡୋଙ୍କ ଅପରେସନରେ ୨୬ ଜଣ ମାଓବାଦୀ ନିହତ ହୋଇଛନ୍ତି। ଆଜି ସକାଳ ୬.୩୦ରୁ କୋଟଗୁଲ-ଗ୍ୟାରପଟ୍ଟି ପାଖରେ ଥିବା ଜଙ୍ଗଲରେ କମାଣ୍ଡୋଙ୍କ ପକ୍ଷରୁ ଜାରି ରହିଥିବା ଅପରେସନରେ ଏତେ ସଂଖ୍ୟକ ମାଓବାଦୀଙ୍କ ମୁଣ୍ଡ ଗଡିଛି। ଏବେ ଜଙ୍ଗଲରେ ସର୍ଚ୍ଚ ଅପରେସନ ଜାରି ରହିଛି।ଗଡଚ଼ିରୋଲି ଏସ୍‌ପି ଅଙ୍କିତ ଗୋୟଲ କହିଛନ୍ତି, ଆଜି ସକାଳୁ ଅତରିକ୍ତ ଏସ୍‌ପି ସୌମ୍ୟ ମୁଣ୍ଡେଙ୍କ ନେତୃତ୍ୱରେ ସି-୬୦ କମାଣ୍ଡୋଙ୍କ ପକ୍ଷରୁ ଜଙ୍ଗଲରେ ସର୍ଚ୍ଚ ଅପରେସନ କରାଯାଇଥିଲା। ତେବେ ମାଓବାଦୀମାନେ ଏହା ଜାଣି ପାରି କମାଣ୍ଡୋଙ୍କ ଉପରେ ଗୁଳି ବର୍ଷା କରିଥିଲେ। କମାଣ୍ଡୋମାନେ ମଧ୍ୟ ଏହାର ଜବାବ ଦେଇଥିଲେ। ସକାଳ ପ୍ରାୟ ୬.୩୦ରୁ ହିଁ ଗୁଳି ବିନିମୟ ଆରମ୍ଭ ହୋଇଥିଲା।ଘଞ୍ଚ ଜଙ୍ଗଲରେ ଦୀର୍ଘ ଘଣ୍ଟା କାଳ ଯବାନମାନେ ମାଓବାଦୀଙ୍କ ସହ ଲଢ଼େଇ କରିଥିଲେ। ଏବେ ସୁଦ୍ଧା ୨୬ ଜଣ ମାଓବାଦୀଙ୍କ ମୃତଦେହ ମିଳିଛି। ସେହିପରି ଏନକାଉଣ୍ଟର ବେଳେ ୪ ଜଣ ଯବାନ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସମସ୍ତଙ୍କୁ ଜଙ୍ଗଲ ମଧ୍ୟରୁ ଏୟାରଲିଫ୍ଟ କରି ନାଗପୁର ନିଆଯାଇଛି। ସେମାନେ ଏବେ ନାଗପୁରରେ ଥିବା ଅରେଞ୍ଜ ସିଟି ହସ୍ପିଟାଲ ଆଣ୍ଡ ରିସର୍ଚ୍ଚ ଇନଷ୍ଟିଚ୍ୟୁଟର କ୍ରିଟିକାଲ କେୟାର କମ୍ପ୍ଲେକ୍ସରେ ଆଡମିଟ ହୋଇଛନ୍ତି। ମୃତ ମାଓବାଦୀଙ୍କ ମୃତଦେହ ଉଦ୍ଧାର ହୋଇଥିଲେ ହେଁ ସେମାନଙ୍କ ପରିଚୟ ମିଳିପାରି ନଥିବା ସେ କହିଛନ୍ତି।ସୂତ୍ର ଅନୁସାରେ, କମାଣ୍ଡୋମାନେ ଏନକାଉଣ୍ଟର ସ୍ଥଳରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଠାବ କରିଛନ୍ତି। ଏବେ ବି ସେଠାରେ ସର୍ଚ୍ଚ ଅପରେସନ ଜାରି ରହିଛି। ୧୨ରୁ ଅଧିକ ମାଓବାଦୀ ଗୁଳିମାଡରେ ଆହତ ହୋଇଥିବାରୁ ସେମାନଙ୍କୁ ଠାବ କରିବାକୁ ପ୍ରୟାସ ଚାଲିଛି। ସେହିପରି ଜଙ୍ଗଲ ମଧ୍ୟରେ ମାଓବାଦୀ ସଂଗଠନର ଜଣେ ଟପ୍ ? ଲିଡର ମଧ୍ୟ ରହିଥିବା କୁହାଯାଉଛି। ଗୁଳିମାଡରେ ତା'ର ମୃତ୍ୟୁ ଘଟିଥିବା ଖବର ମିଳିଥିଲେ ମଧ୍ୟ ପୁଲିସ ଏ ସମ୍ପର୍କରେ ସ୍ପଷ୍ଟ କରିନି।

## ପ୍ରବଳ ବର୍ଷା ସମ୍ଭାବନା, ୭ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୧୩।୧୧(ପି.ଏନ): ଥାଇଲାଣ୍ଡ ଓ ଦକ୍ଷିଣ ଆଣ୍ଡାମାନ ସାଗର ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା ୧୫ ତାରିଖ ସୁଦ୍ଧା ଏହା ଅବପାତର ରୂପ ନେଇ ଉତର ଆଣ୍ଡାମାନ ଉପକୂଳ ଓ ତତସଂଲଗ୍ନ ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ପହଂଚିବ ବୋଲି ଅନୁମାନ କରାଯାଉଛି। ପରେ ଆନ୍ଧ୍ର ପ୍ରଦେଶ ଉପକୂଳ ଦେଇ ୧୮ ତାରିଖ ସନ୍ଧ୍ୟାରେ ଅତିକ୍ରମ କରିବ। ଏହାର ପ୍ରଭାବରେ ଆନ୍ଧ୍ରରେ ପ୍ରବଳ ବର୍ଷା ଏବଂ ଦକ୍ଷିଣ ଓଡ଼ିଶାରେ ମଧ୍ୟ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହା ବ୍ୟତୀତ ଉପୂକଳ ଓ ଆଭ୍ୟନ୍ତରୀଣ ଓଡିଶାର ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୧୪ ତାରିଖ ସକାଳ ମଧ୍ୟରେ ଖୋର୍ଦ୍ଧା, ପୁରୀ, ଗଂଜାମ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ନୟାଗଡ, ଗଜପତି, କଟକ ଓ ଜଗତସିଂହପୁର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡ଼ିକୁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ଗୋଟିଏ ଦିନରେ ୨୪୭ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୩।୧୧(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୨୪୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୪୫୨୦୯ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୩୭ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୩୩ ହଜାର ୯୯୧ ହୋଇଛି। ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୭୯୦ ରହିଛି। ଆଜି ଚିହ୍ନଟ ହୋଇଥିବା ୨୪୭ ଜଣଙ୍କ ମଧ୍ୟରୁ ୧୪୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୦୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୧୧୫ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି। ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ବାଲେଶ୍ୱରରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ୧, ଭଦ୍ରକରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗୀରରୁ ଓ ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। କଟକରୁ ୨୨ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରେ ୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଢେଙ୍କାନାଳ ଜିଲ୍ଲାରେ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଗଜପତି ଜିଲ୍ଲାରେ ୨ ଜଣ ଓ ଗଂଜାମ ଜିଲ୍ଲାରେ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ଜଗତସିଂହପୁର ଜିଲ୍ଲାରୁ ୯ ଜଣ, ଯାଜପୁରରୁ ୮ ଜଣ ସଂକ୍ରମିତ ହୋଇଥିବା ବେଳେ, ଝାରସୁଗୁଡ଼ା ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। । କଳାହାଣ୍ଡି ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। କେନ୍ଦ୍ରାପଡ଼ାରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ଖୋର୍ଦ୍ଧାରୁ ୧୧୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କୋରାପୁଟରୁ ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମାଲକାନଗିରି ଜିଲ୍ଲାରୁ ୧, ମୟୂରଭଞ୍ଜରୁ ୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି।

## କନ୍ଧମାଳ ସାଂସଦଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

ଭୁବନେଶ୍ୱର, ୧୩।୧୧(ପି.ଏନ): କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତଙ୍କ ୬ ଦିନିଆ ସଂସଦୀୟ କ୍ଷେତ୍ର ସମୀକ୍ଷା କାର୍ଯ୍ୟକ୍ରମର ୫ମ ଦିନରେ କନ୍ଧମାଳ ଜିଲ୍ଲାର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ଚାଲୁ ରହିଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ରାଇକିଆଠାରେ ନବନିର୍ମିତ ମିଶନ ଶକ୍ତି ଗୃହ ଶ୍ରୀ ସାମନ୍ତଙ୍କ ଦ୍ୱାରା ଶୁଭ ଉଦ୍‌ଘାଟନ ହୋଇଥିଲା। ଏଥିରେ ଜି ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, ରାଇକିଆ ପଞ୍ଚାୟତ ସମିତି ଅଧକ୍ଷା ମାନିନୀ ପ୍ରଧାନ, ରାଇକିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ମରଣିକା ଟୁଲ, ରାଇକିଆ ସରପଞ୍ଚ ପଞ୍ଚୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଶ୍ରୀ ସାମନ୍ତ ରାଇକିଆ କଲ୍ୟାଣମଣ୍ଡପଠାରେ ବିଜୁ ଜନତା ଦଳର ବ୍ଲକସ୍ତରୀୟ ସାଙ୍ଗଠନିକ ବୈଠକରେ ଯୋଗ ଦେଇଥିଲେ। ଏଥିରେ ସାଂସଦ ଶ୍ରୀ ସାମନ୍ତଙ୍କ ସମେତ ଜି ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, ବିଜେଡିର ଜି ଉଦୟଗିରି ପର୍ଯ୍ୟବେକ୍ଷକ ବିକ୍ରମ ପଣ୍ଡା, ଜିଲ୍ଲା ସହ ପର୍ଯ୍ୟବେକ୍ଷକ କିଶୋର ମେହେର, ବିଜୁ ଯୁବ ସଭାପତି ବିଷ୍ଣୁ ମଲ୍ଲିକ, ମହିଳା ସଭାପତି ପୁନମ କହଁର ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ କିଭଳି ଭଲ ପ୍ରଦର୍ଶନ କରିବ ସେ ନେଇ ଉପସ୍ଥିତ ଦଳୀୟ କର୍ମୀମାନଙ୍କୁ ଆବଶ୍ୟକ ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ ଶ୍ରୀ ସାମନ୍ତ ରାଇକିଆ ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ନେଇ ବ୍ଲକ୍‌ର ପଞ୍ଚାୟତ ଜନ ପ୍ରତିନିଧି ଓ ମୋ ବନ୍ଧୁ ବୈଠକରେ ଯୋଗ ଦେବା ସହ ଦଳୀୟ କର୍ମୀଙ୍କ ସହ ଆଲୋଚନା କରିଥିଲେ। ଅପରାହ୍ନରେ ବିଧାୟକ ସାଲୁଗା ପ୍ରଧାନ, କନ୍ଧମାଳ ଜିଲ୍ଲା ପରିଷଦ ଅଧକ୍ଷା ଆକାଙ୍କ୍ଷା ପ୍ରଧାନଙ୍କ ଉପସ୍ଥିତିରେ ଶ୍ରୀ ସାମନ୍ତ ଆଜି ଗୁଡ୍ରିପଡ଼ିସ୍ଥିତ କମଳାନେହରୁ ଉଚ୍ଚବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହକୁ ଉଦ୍‌ଘାଟନ କରିଥିଲେ। ଆଜି ଶ୍ରୀ ସାମନ୍ତ ରାଇକିଆ ଓ ଟିକାବାଲିଠାରେ ଚାଲୁଥିବା ୬୯ତମ ରାଜ୍ୟ ଭଲିବଲ୍ (ପୁରୁଷ) ଚାମ୍ପିଅନ୍‌ସିପ୍‌ରେ ଅତିଥି ଭାବେ ଯୋଗ ଦେଇଥିବାବେଳେ ସଂଧାରେ ଫୁଲବାଣୀଠାରେ ଚାଲୁଥିବା ୬୯ତମ ରାଜ୍ୟ ଭଲିବଲ୍ (ମହିଳା) ଚାମ୍ପିଅନ୍‌ସିପ୍‌ର ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ। ଆଜି ଶ୍ରୀ ସାମନ୍ତ ରାଇକିଆ ପଞ୍ଚାୟତ କାର୍ଯ୍ୟାଳୟ ଓ ଟିକାବାଲି ବାଡ଼ିମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟଠାରେ ମଧ୍ୟ ସ୍ଥାନୀୟ ଗରିବ ବୟସ୍କ ନାଗରିକଙ୍କୁ କମ୍ବଳ ଓ ଶାଢ଼ି ବଣ୍ଟନ କରିଥିଲେ।



## ମମିତା ମେହେର ହତ୍ୟା ଘଟଣା: ପୋଲିସ୍ କେସ୍‌କୁ ଦୁର୍ବଳ କରୁଛି : ବିଜୟ ମହାପାତ୍ର

ଭୁବନେଶ୍ୱର, ୧୩।୧୧(ପି.ଏନ): ମମିତା ମେହେର ହତ୍ୟାକାଣ୍ଡ ଘଟଣାକୁ ମାସେ ବିତି ଥିବା ବେଳେ ପୋଲିସ୍ ର ତଦନ୍ତ ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବରିଷ୍ଠ ବିଜେପି ନେତା ବିଜୟ ମହାପାତ୍ର ବରିଷ୍ଠ ବିଜେପି ନେତା ବିଜୟ ମହାପାତ୍ର । ବିଜୟ ମହାପାତ୍ର କହିଛନ୍ତି, କଳାହାଣ୍ଡିର ଏହି ନୃଶଂସ ଓ ବିଭତ୍ସ ହତ୍ୟାକାଣ୍ଡ ନେଇ ସମଗ୍ର ରାଜ୍ୟ ଦୋହଲି ଉଠିଛି। ଏହି ମାସକ ଭିତରେ ତଦନ୍ତ ଠିକ ବାଟରେ ହେଉଥିବା ମନେ ହେଉନି। ମମିତାର ଚରିତ୍ର ସଂହାର କେହି ବି ଓଡ଼ିଶାର କରି ନାହାନ୍ତି କି କୌଣସି ରାଜନୈତିକ ଦଳ ବି କରିନି, ବରଂ ମମିତା ମେହେର ଗୋଟିଏ ଘଟଣାକୁ ସାମ୍ନାକୁ ଆଣିବା ପାଇଁ ବଳିଦାନ ଦେଇ ଦେଲା। ମାତ୍ର ଏହାକୁ ନେଇ ମିଥ୍ୟା ଅଭିଯୋଗ କରାଯାଉଛି। ମାସେ ମଧ୍ୟରେ ଅନୁସନ୍ଧାନ କେଉଁ ଦିଗକୁ ଗଲା। ପ୍ରତିବାଦ ଭିନ୍ନ କଥା। ମାସକ ଭିତରେ ପୁଲିସ କେତେବାଟ ତଦନ୍ତ କରିଛି ତାହା ସମସ୍ତେ ଜାଣିବାକୁ ଚାହୁଁଛନ୍ତି। ଏତଲା କୋର୍ଟକୁ ଆସିବାକୁ ୩ ଦିନ ଲାଗିଲା ଏହାର ଉତର କିଏ ଦେବ ? ଆଇନ କହୁଛି ଏତଲା ସଙ୍ଗେ ସଙ୍ଗେ କୋର୍ଟ ଆସିବ। ସିନ୍ଧେଇକେଲା ଥାନାରୁ ବଙ୍ଗମୁଣ୍ଡା କୋର୍ଟ ଏତଲା ଆସିବା ପାଇଁ ଏକ ଘଂଟା ଲାଗିବ, ମାତ୍ର ଏଠି ତିନି ଦିନ ଲାଗିଲା। ସେ ଆହୁରି କହିଛନ୍ତି, ବାହାରେ ପ୍ରଚାର କରାଗଲା ସ୍କୁଲ ଅଲଗା କଲେଜ ଅଲଗା। ମାତ୍ର ଏତଲା କହୁଛି କଲେଜର ହଷ୍ଟେଲରେ ମମିତା ରହୁଥିଲେ ଏବଂ ସେଠି ସେକ୍ସ ସ୍କାଣ୍ଡାଲ ଚାଲୁଥିବା ଏହି ଏତଲାରେ ରହିଛି। ତାହାର ତଦନ୍ତ ଏବେ କିଏ କରୁଛି। ଯଦି ପୁଲିସ ଗୋବିନ୍ଦକୁ ଏହା ପଚାରିଲା, ତେବେ ତାହାର ରିପୋର୍ଟ କୋର୍ଟରେ କାହିଁକି ପୁଲିସ ଦେଇନାହିଁ। ୧୬୧ କିମ୍ବା ୧୬୪ ରେ କାହିଁକି ପୁଲିସ ଷ୍ଟେଟମେଂଟ ନେଲା ନାହିଁ। କୋର୍ଟକୁ ଦିଆଯାଇଥିବା ରିପୋର୍ଟରେ ଗୋବିନ୍ଦ ସାହୁ ବିଷୟରେ ମାତ୍ର ଗୋଟିଏ ପଦ ଲେଖା ଯାଇଛି। ସେ ଆଡମିଟ କରିଛି କିନ୍ତୁ କନଫେସନ କରିନି। ପ୍ରଥମରୁ ହିଁ ପୁଲିସ କେସକୁ ଦୁର୍ବଳ କରିଦେଇଛି। ଆଉ ଏବେ ବି ଏହି କେସକୁ ଆହୁରି ଦୁର୍ବଳ କରିବାକୁ ଷଡ଼ଯନ୍ତ୍ର କରାଯାଉଛି। ରାୟପୁରର ପ୍ରମାଣ ପୁଲିସ ପାଖରେ ଅଛି। ତଦନ୍ତ ଯଦି ଠିକ ବାଟରେ ନ ଯାଏ, ତେବେ ଧୀରେ ଧୀରେ ପରିସ୍ଥିତି ଅଣାୟତ ହେବ ବୋଲି ସେ କହିଛନ୍ତି।




## Accommodation Wanted

Required independent single /double / Triple Storeyed building for Office purpose. IRC Village, NAYAPALLI Location is Prefered Intrested House Owner can contact on the following Number 9437588705 (Mob) Or Email house details, contact number etc on pabitrasamantry@gmail.com

## APPOINTMENT

THE KALINGA CHRONICLE — Popular people's Daily of Odisha
ପର୍ଯ୍ୟବେକ୍ଷକ PARYABEKHYAK — Visit at:- www.pabitramohansamantaray.in

**Paryabekhyak** and **The Kalinga Chronicle** Group need

1. **DTP Operator & Layout designer** (English and Odiya)
   2-5 years experience in **Photoshop** and **Coreldraw**
2. **Accountant**
   B. Com. with knowledge in latest Tally version
3. **Advertisement Executive**
   2-5 years experience in Sale, Advertisement and Space Marketing
4. **Reporters** in Block, Sub-division & District level
   Minimum Graduate with 2-5 years experiences in fieled reporting
   (Diploma/Degree in Journalism preferred)

Send your bio-data within 15 days on email id:
**paryabekhyak@gmail.com**
**kalingachronicle@gmail.com**
**Whatsapp on: 9853400829**
**Visit at : www.paryabekhyak.com**
**www.thekalingachronicle.com**

**Paryabekhyak Odisha & Kalinga Chronicle TV**

1. **Visual Editor**
   2 to 5 years experience (Premier and FCP)
2. **Word Press**
   Developer-cum-Social Media Manager
   2 to 5 years experience in Managing Odia and English News Website, You tube and Social Media Platform
3. **Business Development Manager** (Sales & Marketing)
   3 to 5 years experience
4. **Bulletin Producer**
   3 to 5 years experience
5. **News Reader/ Content writer/ Anchor**
6. **Reporters at Panchyat/City** (NAC & Muncipality) / Block/ Tahasil / Sub-Division/ District Level)
   2 to 3 years experience in field Reporting
   Diploma/Degree in Digital and Broadcast Journalism Prefered

Mail your resume on
**Paryabekhyak Odisha@gmail.com**
**Kalinga Chronicle TV@gmail.com**
**Whatsapp on: 9437588705**
**Visit at :www.paryabekhyakodisha.in**
**www.kalingachronicletv.in**








# ଟି ଟାଇମ୍

## ଜୋକ୍ସ



ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

---

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ



ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜୁତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୂପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ ଭଗବାନ ବିଷ୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ ସେ ଆଜି ସଫଳ ଉଦେଶ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଣ୍ଟକଙ୍କ ଭିଡ। ଏହି ଉଦେଶ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯ୍ୟଣ୍ୟରେ ସାହାଯଣ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ।



ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଣ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଣ୍ଯ୍ୟତୀତ ଅନଣ୍ୟ ରାଜଣ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଣ୍ୟାରେ ପର୍ଯଣ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଣ୍ୟଟକଙ୍କ ବର୍ଦ୍ଧିତ ସଂଖଣ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଣ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଣ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଣ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଣ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଣ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଣ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଣ୍ୟଟକଙ୍କ ଭିଡକୁ ଲକ୍ଷଣ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟରେ ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଣ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଣ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଣ୍ୟତି ହେବି ନାହିଁ।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର



ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଣ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଣ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର ନିର୍ମାଣ କାର୍ଯଣ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଣ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଣ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଣ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# କୋଣାର୍କ ଉତ୍ସବ-୨୦୨୧ : ମୁକ୍ତାକାଶ ରଙ୍ଗମଞ୍ଚରେ ପ୍ରଦର୍ଶିତ ହେବ ଛଅ ପ୍ରକାର ଶାସ୍ତ୍ରୀୟ ନୃତ୍ୟ



କୋଣାର୍କ (ପିଏନ୍)-କୋଭିଡି କଟକଣା ମଧ୍ୟରେ ଡିସେମ୍ବର ୧ତାରିଖରୁ ୫ତାରିଖ ପର୍ଯ୍ୟନ୍ତ ବିଶ୍ୱ ଐତିହ୍ୟ ସୂର୍ଯ୍ୟମନ୍ଦିରର ଉତ୍ତର ପାର୍ଶ୍ୱରେ ଥିବା ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ ହେବ ଭରତୀୟ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତର ମହାକୁମ୍ଭ କୋଣାର୍କ ଉତ୍ସବ-୨୦୨୧ । ରାଜ୍ୟ ପର୍ଯ୍ୟଟନ ବିଭାଗ, ପର୍ଯ୍ୟଟନ ଉନ୍ନୟନ ନିଗମ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ସହାୟତାରେ ୩୧ ବର୍ଷଧରି ନିରବଛିନ୍ନ ଭାବରେ ଏହି ମୁକ୍ତାକାଶ ରଙ୍ଗମଞ୍ଚରେ ଦେଶ ବିଦେଶ ଆନ୍ତର୍ଜତୀୟ ଖ୍ୟାତିସମ୍ପନ୍ନ ଶାସ୍ତ୍ରୀୟ ନୃତ୍ୟରେ ପାରଦର୍ଷିତା ଲାଭ କରିଥିବା ଲବ୍ଧପ୍ରତିଷ୍ଠିତ କଳାକାରମାନେ ନୃତ୍ୟ ପ୍ରଦର୍ଶନ କରିସାରିଛନ୍ତି। ଏହି ମୁକ୍ତାକାଶ ରଙ୍ଗମଞ୍ଚଟି ୧୯୮୯ମସିହାର ତତକାଳିନ ମୁଖ୍ୟମନ୍ତ୍ର ଜାନକୀବଲ୍ଲଭ ପଟନାୟକଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା । ୧୯୯୯ମସିହାରେ ପ୍ରଳୟଙ୍କାରି ସାମୁଦ୍ରିକ ଝଡ 'ମହାବାତ୍ୟା' ପାଇଁ ସେହି ବର୍ଷ କୋଣାର୍କ ଉତ୍ସବ ହୋଇ ପାରି ନ ଥିଲା। ଚଳିତ ବର୍ଷ ଉତ୍ସବ ପୂର୍ବପରି ଉଚ୍ଚମମାନର ହେବବୋଲି ପର୍ଯ୍ୟଟନ ବିଭାଗର ପକ୍ଷରୁ ସୂଚନା ଦିଆଯାଇଛି। ଡିସେମ୍ବର ୧ ତାରିଖ ଠାରୁ ପ୍ରତ୍ୟହ ସନ୍ଧ୍ୟା ୬ ଟାରୁ ରାତି ୮ଟା ୩୦ ମିନିଟ ପର୍ଯ୍ୟନ୍ତ ମୁକ୍ତାକାଶ ରଙ୍ଗମଞ୍ଚରେ ଦୁଇଟି ପର୍ଯ୍ୟୟରେ ଶାସ୍ତ୍ରୀୟ ନୃତ୍ୟ ଅନୁଷ୍ଠିତ ହେବ । ଉତ୍ସବର ପ୍ରଥମ ଦିବସର ପ୍ରଥମ ପର୍ଯ୍ୟାୟରେ ନୂଆଦୀଲ୍ଲିର ମାଧବୀ ମୁଦଗଲ ଓ ସାଥିଙ୍କ ପକ୍ଷରୁ ପରିବେଷଣ କରାଯିବ ଓଡ଼ିଶୀ ନୃତ୍ୟ ଓ ଦ୍ୱିତୀୟ ପର୍ଯ୍ୟାୟରେ ନୂଆଦୀଲ୍ଲିର ନୃତ୍ୟଶିଳ୍ପୀ ଗୁରୁ ଭସ୍ୱାତୀ ମିଶ୍ର ଓ ସାଥୀ ନୃତ୍ୟଶିଳ୍ପୀମାନେ ପରିବେଷଣ କରିବେ କଥକ ନୃତ୍ୟ । ସେହିପରି ଉତ୍ସବର ଦ୍ୱିତୟ ଦିବସର ପ୍ରଥମ ପର୍ଯ୍ୟାୟରେ ଗୌହାଟିର ଅନିତା ଶର୍ମା ଓ ସାଥି ନୃତ୍ୟଶିଳ୍ପୀମାନେ ପରିବେଷଣ କରିବେ ସତ୍ରୀୟ ନୃତ୍ୟ, ଦ୍ୱିତୀୟ ପର୍ଯ୍ୟାୟରେ ଭୁବନେଶ୍ୱରର ନୃତ୍ୟଶିଳ୍ପୀ ଗୁରୁ ନିରଞ୍ଜନ ରାଉତ ଓ ସାଥୀ ନୃତ୍ୟଶିଳ୍ପୀମାନେ ପରିବେଷଣ କରିବେ ଓଡିଶୀ ନୃତ୍ୟ । ସେହିପରି ଉତ୍ସବର ତୃତୀୟ ଦିବସର ପ୍ରଥମ ପର୍ଯ୍ୟାୟରେ କୋଲକତାର ନୃତ୍ୟଶିଳ୍ପୀ ଦେବମିତ୍ର ସେନଗୁପ୍ତା ଓ ସାଥୀଙ୍କ ପକ୍ଷରୁ ଓଡିଶୀ ନୃତ୍ୟ ପରିବେଷଣ କରାଯିବ ଓ ଦ୍ୱିତୀୟ ପର୍ଯ୍ୟାୟରେ ଚେନ୍ନାଇର ମୋହିନୀଆଟମ୍ ନୃତ୍ୟାଙ୍ଗନା ଗୋପିକା ବର୍ମା ଓ ସାଥୀଙ୍କ ପକ୍ଷରୁ ପରିବେଷଣ କରାଯିବ ମୋହିନୀଆଟମ୍ ନୃତ୍ୟ । ସେହିପରି ଉତ୍ସବର ଚତୁର୍ଥ ଦିବସର ପ୍ରଥମ ପର୍ଯ୍ୟାୟରେ ଚେନ୍ନାଇର ନୃତ୍ୟଶିଳ୍ପୀ ଲିଲା ସାମସନ ଓ ସାଥୀଙ୍କ ଦ୍ୱାରା ପରିବେଷଣ କରାଯିବ ଭାରତନାଟ୍ୟମ ନୃତ୍ୟ ଓ ଦ୍ୱିତୀୟ ପର୍ଯ୍ୟାୟରେ ଭୁବନେଶ୍ୱରର ପିତାମ୍ବର ବିଶ୍ୱାଳ ଓ ସାଥୀଙ୍କ ପକ୍ଷରୁ ଓଡିଶୀ ନୃତ୍ୟ ପରିବେଷଣ କରାଯିବ । ଉତ୍ସବର ଶେଷ ସନ୍ଧ୍ୟା ଅର୍ଥାତ ଡିସେମ୍ବର ୫ ତାରିଖର ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱରର ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ରିସର୍ଚ ସେଣ୍ଟରର ନୃତ୍ୟଶିଳ୍ପୀମାନଙ୍କ ପକ୍ଷରୁ ପରିବେଷଣ କରାଯିବ ଓଡିଶୀ ନୃତ୍ୟ । ଦ୍ୱିତୀୟ ପର୍ଯ୍ୟାୟରେ ଚେନ୍ନାଇର ନୃତ୍ୟଶିଳ୍ପୀ କିଶ୍ୱେର ମୋଶାଲିକାନ୍ତି ଓ ସାଥୀ ନୃତ୍ୟଶିଳ୍ପୀମାନେ କୁଚିପୁଡି ନୃତ୍ୟ ପରିବେଷଣ କରିବେ । ଏହି ଶାସ୍ତ୍ରୀୟ ନୃତ୍ୟର ମହାକୁମ୍ଭରେ ୬ ପ୍ରକାର ନୃତ୍ୟ ଯଥା ଓଡିଶୀ, କଥକ, ସତ୍ରୀୟ, ମୋହିନିଆଟମ, ଭାରତନାଟ୍ୟମ ଓ କୁଚିପୁଡି ନୃତ୍ୟ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି ।



## ଖୋର୍ଦ୍ଧା ଅବକାରୀ ବିଭାଗର ବିଭିନ୍ନ ସ୍ଥାନରେ ଚଢାଉ

ଖୋର୍ଦ୍ଧା (ପିଏନ)-ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଅବକାରୀ ବିଭାଗ ଇନିସପେକ୍ଟର ଭୈରବ ସାହୁଙ୍କ ନେତୃତ୍ୱରେ ପୋଲିସ ବଳର ମିଳିତ ସହଯୋଗରେ ଏକ ଟିମ ଗଠନ କରି ଜାତୀୟ ରାଜପଥ କଡରେ ଥିବା ବିଭିନ୍ନ ସ୍ଥାନ ଓ ହୋଟେଲରେ ଚଢାଉ କାର୍ଯ୍ୟ ଜାରି ରହିଥିଲା । ଏହି ଚଢାଉ ଖୋର୍ଦ୍ଧା ଟାଉନ ପେଟ୍ରୋଲ ପମ୍ପ ନିକଟ ବାସେଲି ଭେରାଇଟି ଷ୍ଟୋର, ଚାଉମିନ ସପ, ମୁକୁନ୍ଦ ପ୍ରସାଦ ବାଇପାସ ମା ହୋଟେଲ, ପିଠାପଲ୍ଲୀ ଓଡିଶା ହୋଟେଲ, ମା ହୋଟେଲ, ଯାଁଳା ହୋଟେଲ ରାଜପଥ, ବେଗୁନିଆ ବାଇନ ଢାବା, ବାଘମାରୀ ମା ମଙ୍ଗଳା ହୋଟେଲ (୧,୨) ଓ ସାରୁଅ ଲିଜା ଢାବାରେ କରାଯାଇଥିବା ବେଳେ ୧୬ ଲିଟର ବିଦେଶୀ ଓ ୪ ଲିଟର ଦେଶୀ ମଦ ଜବତ କରିଥିଲା। ଯାହାର ଆନୁମାନିକ ମୂଲ୍ୟ ୮ ହଜାର ୭୫୦ ଟଙ୍କା ହେବ ବୋଲି ଜଣାପଡିଛି। ଅଭିଯୁକ୍ତ ଦ୍ୱୟ ହେଲେ ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ବାଘେଳିସାହିର ସିଲୁ କୋଦାମସିଂହ (୨୫) ଓ ଗୁରୁଜଙ୍ଗ ଦିୱାନ ସାହିର ବାଳକୃଷ୍ଣ ବେହେରା (୩୩)।

## ବେଗୁନିଆ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଜେପି ପକ୍ଷରୁ କୁଶ ପୁତ୍ତଳିକା ଦାହ

ଖୋର୍ଦ୍ଧା (ପିଏନ)-କୃଷିମନ୍ତ୍ରୀ ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ସଂପୃକ୍ତ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ କୁଶପୁତ୍ତଳିକା ଦାହ ବିଜେପି ପକ୍ଷରୁ ବେଗୁନିଆ ବ୍ଲକ କାର୍ଯ୍ୟାଳୟ ସାମ୍ନାରେ କରାଯାଇଥିଲା। ଏଥିରେ ସଂପୃକ୍ତ ମନ୍ତ୍ରୀଙ୍କୁ ତୁରନ୍ତ ଗିରଫ କରିବା ସହ ଇସ୍ତଫା ଦାବୀ କରି ନାରାବାଜି କରିଥିଲେ। ଖୋର୍ଦ୍ଧା ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ପ୍ରକାଶ ବିଶ୍ୱାଳ, ବେଗୁନିଆ ନିର୍ବାଚନ ମଣ୍ଡଳୀର ଆରଟିଆଇ ସମ୍ପାଦକ ଗୌରଚରଣ ପ୍ରହରାଜ, ମିଥୁନ ପାଇକରାୟଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ।

# ମିଥିଳା ଶକ୍ତିପୀଠ



ହିନ୍ଦୁମାନଙ୍କର ଧାର୍ମିକ ସ୍ଥାନଗୁଡ଼ିକ ମଧ୍ୟରେ ମିଥିଳା ଶକ୍ତିପୀଠ ଅନ୍ୟତମ। ମିଥିଳା ଶକ୍ତିପୀଠରେ ମାତା ସତୀଙ୍କ ବାମ କାନ୍ଧର ଅଂଶ (ଖଣ୍ଡ) ପଡ଼ିଥିଲା। ପୌରାଣିକ କଥା ତଥା ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ଶକ୍ତିପୀଠ ଗୁଡ଼ିକର ସୃଷ୍ଟି ସଂପର୍କରେ ଏକ ଚମକପ୍ରଦ କାହାଣୀ ରହିଛି। ଭଗବାନ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ଯଜ୍ଞ କରାଇବେ ନିଜ ଝିଅ ବା ଭଗବାନ ଶିବଙ୍କ ପତ୍ନୀ ଦେବୀ ସତୀ ଓ ଭଗବାନ ଶିବଙ୍କୁ ଯଜ୍ଞରେ ଉପସ୍ଥିତ ହେବାକୁ ନିମନ୍ତ୍ରଣ କଲେ ନାହିଁ। ଫଳରେ ଦେବୀ ସତୀ ନିଜେ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚିଲେ ଓ ବାପାଙ୍କୁ କିଛି କହିବା ପୂର୍ବରୁ ସ୍ୱୟଂ ଦକ୍ଷରାଜ ଝିଅ ସତୀ ଓ ଭଗବାନ ଶିବଙ୍କ ଅପମାନ ସୂଚକ କଥା ଶୁଣାଇଲେ। ସେଠାରେ ସମସ୍ତ ଦେବୀ ଦେବତା ଉପସ୍ଥିତ ଥିବାରୁ ମା'ସତୀଙ୍କ ଖୁବ୍ ବାଧିଲା। ଅତି ଦୁଃଖରେ ମ୍ରିୟମାଣ ହୋଇ ମାତା ସତୀ ସେହି ଯଜ୍ଞକୁଣ୍ଡରେ ଆତ୍ମଦାହ କରିଦେଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସତୀଙ୍କ ମର ଶରୀର ପାଖରେ ପହଂଚିଲେ ଓ ରାଗରେ ଜର୍ଜରିତ ହୋଇ ନିଜ ହାତରେ ସତୀଙ୍କ ମୃତ ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ମଣିଷ, ପଶୁ ଓ ଦେବୀ ଦେବତା ସମସ୍ତେ ଭୟରେ ଥରି ଉଠିଲେ। ଏହାର ସମାଧାନ ପାଇଁ ଦେବୀ ଦେବତା ମାନେ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ଶିବ ଧରିଥିବା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। କିଛି କ୍ଷଣ ମଧ୍ୟରେ ମା'ସତୀଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ବିଭିନ୍ନ ସ୍ଥାନରେ ବିଂଚି ହୋଇ ପଡ଼ିଲା। ସର୍ବ ଶେଷରେ ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସହ ସମସ୍ତ ଅଂଶ ବା ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକର ସୁରକ୍ଷା ପାଇଁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ। ତେବେ ଭାରତୀୟ ଉପମହାଦେଶର ବିଭିନ୍ନ ସ୍ଥାନରେ ପଡ଼ିଥିବା ମାତା ସତୀଙ୍କର ସେହି ଖଣ୍ଡ ବା ଅଂଶ ମାନଙ୍କ ମଧ୍ୟରୁ ମିଥିଳା ଶକ୍ତିପୀଠରେ ମା'ସତୀଙ୍କର ବାମ କାନ୍ଧର ଅଂଶ ପଡ଼ିଥିଲା। ମାତ୍ର ମିଥିଳା ଶକ୍ତିପୀଠର ସଠିକ୍ ସ୍ଥାନକୁ ନେଇ ଏବେ ମଧ୍ୟ ମତଭେଦ ରହିଛି, ଅର୍ଥାତ୍ ସଠିକ୍ ସ୍ଥାନକୁ ନେଇ ଅନେକ ମତ-ମତାନ୍ତର ଚାଲୁ ରହିଛି। ମିଥିଳା ଶକ୍ତିପୀଠ ନାମରେ ତିନି ମୁଖ୍ୟ ସ୍ଥାନର ମନ୍ଦିର ଗୁଡ଼ିକୁ ଶକ୍ତିପୀଠ ଭାବେ ଗ୍ରହଣ କରାଯାଇଛି।








ପ୍ରଥମ ସ୍ଥାନ ନେପାଳରେ ବୋଲି କୁହାଯାଉଛି, ଯାହା ଜନକପୁରଠାରୁ ପନ୍ଦର କିଲୋମିଟର ପୂର୍ବ ଦିଗକୁ ମଧୁବନୀର ଉଚ୍ଚତମ ସ୍ଥାନ ଉପରେ "ବନଦୁର୍ଗା"ମନ୍ଦିର ଅବସ୍ଥିତ। ଦ୍ୱିତୀୟ ସ୍ଥାନକୁ ଭାରତର ବିହାର ରାଜ୍ୟ ଅନ୍ତର୍ଗତ ସମସ୍ତିପୁର ଠାରୁ ୬୧ କିଲୋମିଟର ଦୂର ଓ ସଲୌନା ରେଳଷ୍ଟେସନରୁ ୯ କିଲୋମିଟର ଦୂର "ଜୟମଙ୍ଗଳା ଦେବୀ ମନ୍ଦିର" ଅବସ୍ଥିତ। ତୃତୀୟ ସ୍ଥାନକୁ ଭାରତର ବିହାର ରାଜ୍ୟ ଅନ୍ତର୍ଗତ ସହରସା ଷ୍ଟେସନ ପାଖରେ ଅବସ୍ଥିତ "ଉଗ୍ରତାରା ମନ୍ଦିର" ବୋଲି କୁହାଯାଏ। ମିଥିଳା ଶକ୍ତିପୀଠ ଭାରତ ଓ ନେପାଳ ସୀମାର ଦରଭଙ୍ଗା ଠାରେ ଅବସ୍ଥିତ ଥିବା କୁହାଯାଏ। ଏହି ସ୍ଥାନ ଅନ୍ୟ ସ୍ଥାନ ଅପେକ୍ଷା ଅଧିକ ଲୋକପ୍ରିୟ ଭାବରେ ଧରାଯାଏ। ଏହି ମନ୍ଦିରରେ ଦେବୀ ଉମା ଓ ଭଗବାନ ମହୋଦରଙ୍କ ମୂର୍ତ୍ତି ପ୍ରତିଷ୍ଠିତ ହୋଇଛି। ଏହି ମନ୍ଦିର ମାତା ସତୀଙ୍କ ଶକ୍ତିପୀଠ ମାନଙ୍କ ମଧ୍ୟରେ ଗୋଟିଏ। ଏହି ମନ୍ଦିରରେ ଶକ୍ତିଙ୍କୁ "ଉମା" ବା "ମହାଦେବୀ" ରୂପରେ ପୂଜା କରାଯାଏ ଏବଂ ଭୈରବଙ୍କୁ "ମହୋଦର" ଭାବରେ ପୂଜା କରାଯାଇ ଥାଏ।

ଏହି ଶକ୍ତିପୀଠରେ ବିଭିନ୍ନ ପର୍ବ ପର୍ବାଣୀ ଧୁମଧାମରେ ପାଳିତ ହୋଇଥାଏ। ବିଶେଷତଃ ଦୁର୍ଗା ପୂଜା ଓ ପବିତ୍ର ନବରାତ୍ର ଉତ୍ସବ ଧୁମଧାମରେ ପାଳନ କରାଯାଏ। ଏହି ପର୍ବ ମାତାଙ୍କର ସବୁଠୁ ବଡ଼ ପର୍ବ ଭାବରେ ପାଳନ କରାଯାଏ। ମନ୍ଦିରର ଆଧ୍ୟାତ୍ମିକ ପରିବେଶ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ମନ, ପ୍ରାଣ ଓ ହୃଦୟ କୁ ଶାନ୍ତି ପ୍ରଦାନ କରିଥାଏ।

ବର୍ଷର ସବୁ ସମୟରେ ମାତାଙ୍କର ଏହି ଶକ୍ତିପୀଠରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ। ଦେବୀଙ୍କର ମନ୍ଦିରର ଅପରୂପ ଶୋଭା ଦେଖିବା ଭଳି ହୋଇଥାଏ। ଏଥିପାଇଁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମୁଖ୍ୟତଃ ମାତାଙ୍କୁ ପୂଜା କରିବାକୁ ଏଠାକୁ ଆସିଥାନ୍ତି। ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦ ଦାୟକ ଓ ମନୋରମ। ଯେଉଁ ଭକ୍ତ ମାତାଙ୍କୁ ଦର୍ଶନ ପାଇଁ ଏଠାକୁ ଆସନ୍ତି, ସେମାନଙ୍କର ସବୁ ପ୍ରାର୍ଥନା ଓ ମନସ୍କାମନା ପୂରଣ ହୋଇଥାଏ ବୋଲି କୁହାଯାଏ। ଏଥିଯୋଗୁ ମାତା ପ୍ରତ୍ୟକ୍ଷ ଦେବୀ ବୋଲି ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କର ବିଶ୍ୱାସ ରହିଛି।



**ଶରତ କୁମାର ରାଉତ**
ମୋ: ୯୪୩୭୪୪୧୦୭୨/ ୯୩୩୭୩୬୯୪୪୮

## ଆଦିବାସୀପଲ୍ଲୀରେ ସବୁଜ ଦୀପାବଳୀ ବାଣ ବଦଳରେ ବେଲୁନ୍ ଫୁଟାଇଲେ



ଭୁବନେଶ୍ୱର (ପିଏନ୍): ଆଲୋକର ପର୍ବ ଦୀପାବଳୀକୁ ଏକ ନିଆରା ଓ ନିରାଡ଼ମ୍ବର ରୂପେ ପାଳନ କରିଛି ଆଦିବାସୀ ପଲ୍ଲୀ କନ୍ଦଳେଇ। ଉକ୍ତ ଉତ୍ସବରେ ନା ଥିଲା ପ୍ରଦୂଷଣ ସୃଷ୍ଟିକାରୀ ବାଣ, ନା ଥିଲା ବିଷାକ୍ତ ଧୂଆଁ, ନା ଥିଲା ଶବ୍ଦ ପ୍ରଦୂଷଣ। ସୂଚନାଯୋଗ୍ୟ, ଭୁବନେଶ୍ୱର ଉପକଣ୍ଠ ଚନ୍ଦକା-ଡ଼ମପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ଥିବା ଏହି ପଲ୍ଲୀର କୁନି କୁନି ପିଲାମାନେ ଭିନ୍ନ ଢଙ୍ଗରେ ସବୁଜ ଦୀପାବଳୀ ପାଳନ କରି ସାରା ବିଶ୍ୱକୁ ପ୍ରକୃତି ପ୍ରେମର ବଳିଷ୍ଠ ବାର୍ତ୍ତା ଦେଇଛନ୍ତି। ଗାଁର ପିଲାମାନେ ବିପଦ ଓ ପ୍ରଦୂଷଣ ସୃଷ୍ଟି କରୁଥିବା ବାଣକୁ ନ ଫୁଟାଇ ତା’ ବଦଳରେ ରଙ୍ଗ ବେରଙ୍ଗର ବେଲୁନ୍‌କୁ ଫୁଟାଇ ଏବଂ ଦୀପ ଜାଳି ବେଶ୍ ଉତ୍ସାହର ସହ ଉତ୍ସବଟିକୁ ପାଳନ କରିଥିଲେ। ଗାଁର ବିକାଶ ନେଇ କାର୍ଯ୍ୟ କରୁଥିବା ସମାଜସେବୀ ତଥା ପରିବେଶବିତ୍ ସୁଶାନ୍ତ ସାହୁଙ୍କ ‘ବାଣ ବଦଳରେ ବେଲୁନ୍’ ଚିନ୍ତାଧାରାକୁ ଗ୍ରାମବାସୀମାନେ ସ୍ୱାଗତ କରିବା ସହ ସାଧୁବାଦ ଜଣାଇଥିଲେ। ଉତ୍ସବରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କିଛି ଛାତ୍ର ସହଯୋଗର ହାତ ବଢାଇଥିଲେ। ଛାତ୍ରମାନେ ଗାଁର କୁନି କୁନି ପିଲାମାନଙ୍କୁ ବିସ୍କୁଟ, ଚକୋଲେଟ୍ ଇତ୍ୟାଦି ବଣ୍ଟନ କରି ପରସ୍ପରକୁ ଦୀପାବଳୀର ଶୁଭେଚ୍ଛା ଜଣାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଗୋପୀମୋହନ ପଟ୍ଟନାୟକ, ସଂଗ୍ରାମକେଶରୀ ସାହୁ, ପ୍ରଫୁଲ୍ଲ ଚନ୍ଦ୍ର ଦାସ ଏବଂ ପ୍ରଦୀପ୍ତ ରଞ୍ଜନ ରାଉତ ପ୍ରମୁଖ ଯୋଗଦେଇ କୁନି ପିଲାମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସ୍ଥାନୀୟ ସରପଞ୍ଚ ମନସ୍ୱିନୀ ମିଶ୍ର ଢ଼େଙ୍ଗ ଏବଂ ପୂର୍ବତନ ସରପଞ୍ଚ ବିଷ୍ଣୁପ୍ରସାଦ ଢ଼େଙ୍ଗ ଛାତ୍ରମାନଙ୍କର ଏଭଳି ପଦକ୍ଷେପକୁ ପ୍ରଶଂସା କରିବା ସହ ସାଧୁବାଦ ଜଣାଇଥିଲେ।

## ୩ ନଂ. ବ୍ଲକ୍ କଂଗ୍ରେସ କମିଟିର ବନ୍ଧୁମିଳନ ଅନୁଷ୍ଠିତ



ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲାର ୩ ନଂ. ବ୍ଲକ୍ କଂଗ୍ରେସ କମିଟିର ବନ୍ଧୁମିଳନ ଫୁଲନଖରାସ୍ଥିତ ଲକ୍ଷେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦିନ ୧୦.୩୦ରେ ବ୍ଲକ୍ ସଭାପତି ଶ୍ରୀ ବ୍ରହ୍ମାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଆରମ୍ଭ ହୋଇଥିଲା। ୩ ନଂ. ବ୍ଲକ୍ ଅନ୍ତର୍ଗତ ୯ଟି ୱାର୍ଡ଼ର କର୍ମକର୍ତ୍ତାମାନେ ନିଜ ଅଞ୍ଚଳର ସୁବିଧା ଅସୁବିଧା ଓ ସଂଗଠନକୁ କିପରି ଅଧିକ ସୁଦୃଢ଼ କରାଯିବ, ସେ ବିଷୟରେ ନିଜନିଜ ମତ ପ୍ରଦାନ କରିଥିଲେ। ଉପସ୍ଥିତ ଉତ୍ତର ନିର୍ବାଚନ ମଣ୍ଡଳୀର ପୂର୍ବତନ କଂଗ୍ରେସ ବିଧାୟକ ପ୍ରାର୍ଥୀ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସର ସାଧାରଣ ସମ୍ପାଦକ ଶ୍ରୀ କିଶୋର ଜେନା ନିଜ ବକ୍ତବ୍ୟରେ ଦଳକୁ କିପରି ମଜବୁତ କରାଯିବ, ଦଳର ମତକୁ କିପରି ଲୋକମାନଙ୍କ ପାଖରେ ପହଞ୍ଚାଯିବ ସେ ବିଷୟରେ କର୍ମୀମାନଙ୍କୁ ଅବଗତ କରାଇଥିଲେ। ଉତ୍ତର ନିର୍ବାଚନ ମଣ୍ଡଳୀ ଦାୟିତ୍ୱରେ ଥିବା ବ୍ଲକ୍ କଂଗ୍ରେସ ସଭାପତି ଶ୍ରୀ ଅଶୋକ ଦାସ କହିଥିଲେ, କର୍ମୀମାନେ ନିଜ ଭିତରେ ଯୋଡ଼ିହେଲେ ଦଳ ତୃଣମୂଳ ସ୍ତରରୁ ସୁଦୃଢ଼ ହେବା ସହ ଆଗାମୀ ନିର୍ବାଚନରେ ଦଳ ଭଲ ପ୍ରଦର୍ଶନ କରିବ। ଏହି ବନ୍ଧୁମିଳନରେ ଯୋଗଦେଇ ଭୁବନେଶ୍ୱର ଜିଲ୍ଲା କଂଗ୍ରେସର ସଭାପତି ଶ୍ରୀ ବିଶ୍ୱଜିତ୍ ଦାସ କହିଥିଲେ, ଯେକୌଣସି ପରିସ୍ଥିତିରେ ଯେକୌଣସି ଅସୁବିଧା ହେଉନା କାହିଁକି, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଦାବେଳେ କର୍ମୀଙ୍କ ପାଖରେ ଉପସ୍ଥିତ ରହିବ। କାର୍ଯ୍ୟକ୍ରମ ମଧ୍ୟରେ ୱାର୍ଡ଼ ନଂ. ୪ର ସଭାପତି ଭାବେ ପ୍ରଭାସ ଭୋଇ, ଉପସଭାପତି ଭାବେ ହୃଦାନନ୍ଦ ସାହୁ ଏବଂ ସମ୍ପାଦକ ଭାବେ ହୃଦାନନ୍ଦ ରାଉଳଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ପରିଶେଷରେ ପ୍ରଦେଶ କଂଗ୍ରେସ କମିଟିର ନବନିଯୁକ୍ତ ସମ୍ପାଦକ ଶ୍ରୀ ସୁବ୍ରତ ମହାପାତ୍ର, ଭୁବନେଶ୍ୱର ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ଗୀତାଞ୍ଜଳି ମହାନ୍ତି, ଜିଲ୍ଲା ଏସ୍.ସି. ସେଲ୍ ଅଧ୍ୟକ୍ଷ ଶ୍ରୀ ଶଙ୍କର ନାୟକ, ଜିଲ୍ଲା ଉପସଭାପତି ଶ୍ରୀ ଆଶିଷ ମଲ୍ଲିକ, ଶ୍ରୀ ଜୟକୃଷ୍ଣ ସୁବୁଦ୍ଧି, ସମ୍ପାଦକ ଶ୍ରୀ ସୌମେନ୍ଦ୍ର ମହାନ୍ତି, ଶ୍ରୀ ଗୋପାଳ ସାହୁ ଓ ଶ୍ରୀମତୀ ଲକ୍ଷ୍ମୀପ୍ରିୟା ଦାସଙ୍କୁ ବ୍ଲକ୍ କଂଗ୍ରେସ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ବଂଶୀଧର ଭୋଳ, ଗଣେଷ ପ୍ରସାଦ ଦାଶ, କେଦାରନାଥ ଜେନା, ମିତ୍ରଭାନୁ ମହାପାତ୍ର, ଜ୍ଞାନରଞ୍ଜନ ଭୂୟାଁ, କାମାକ୍ଷା ସ୍ୱାଇଁ, ଦେବାଶିଷ ଦାସ, ଦେବଦତ୍ତ ରାଏ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡିଶା ଓ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନାକୁ ଉତ୍କଳ ସମ୍ମିଳନୀର ସ୍ୱାଗତ

ଭୁବନେଶ୍ୱର (ପିଏନ୍): ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଆନ୍ଧ୍ର ପ୍ରଦେଶର ମୁଖ୍ୟମନ୍ତ୍ରୀ ୱାଇ ଏସ୍ ଜଗନ ମୋହନ ରେଡ୍ଡିଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଉଚ୍ଚସ୍ତରୀୟ ବୈଠକରେ କୋଟିଆ ସହିତ ସମସ୍ତ ସୀମା ସମସ୍ୟା, ଜଳ ସମସ୍ୟା ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ ପାଇଁ ହୋଇଥିବା ଐତିହ୍ୟ ବୈଠକକୁ ଉତ୍କଳ ସମ୍ମିଳନୀ ସ୍ୱାଗତ କରିଛି । ଏହି ବୈଠକ ସମ୍ପର୍କରେ ସମ୍ମିଳନୀ ପକ୍ଷରୁ ଏହାର ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତି ଯେ, ବିବାଦଗୁଡ଼ିକର ସମାଧାନ ପାଇଁ ଉଭୟ ରାଜ୍ୟର ବରିଷ୍ଠ ଅଧିକାରୀଙ୍କୁ ନେଇ ହାଇଲେବଲ କମିଟି ଗଠନ ହେବା ସୁଖର କଥା, ମାତ୍ର ଏହି କମିଟି ତାର ନିଷ୍ପତି ନେବା ପର୍ଯ୍ୟନ୍ତ ଦୁଇ ରାଜ୍ୟ ପକ୍ଷରୁ ଅନ୍ୟ ରାଜ୍ୟର ସୀମା ଭିତରେ କୌଣସି ବିବାଦୀୟ ପଦକ୍ଷେପ ଗ୍ରହଣ କରିବେ ନାହିଁ ବୋଲି ଏହି ବୈଠକରେ ନିଷ୍ପତି ହେବା ଆବଶ୍ୟକ ଥିଲା ।

# ଜଗନ ନିଜ ଅଧିକାରୀମାନଙ୍କୁ ନିୟନ୍ତ୍ରଣରେ ରଖନ୍ତୁ

ଭୁବନେଶ୍ୱର (ପିଏନ୍): ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆନ୍ଧ୍ର ପ୍ରଦେଶର ମୁଖ୍ୟମନ୍ତ୍ରୀ ୱାଇ ଏସ୍ ଜଗନମୋହନ ରେଡ୍ଡିଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେଇ ଦୁଇ ରାଜ୍ୟ ମଧ୍ୟରେ ଥିବା ସମସ୍ୟାଗୁଡିକର ସମାଧାନ ପାଇଁ ଆଲୋଚନା କରୁଥିବା ସମୟରେ ବିଜୟନଗରମ୍ ଜିଲ୍ଲାର ପ୍ରଶାସନିକ ଅଧିକାରୀମାନେ କୋଟିଆରେ ଅନୁପ୍ରବେଶ କରିବା ନିନ୍ଦନୀୟ । ଆନ୍ଧ୍ର ପ୍ରଦେଶର ମୁଖ୍ୟମନ୍ତ୍ରୀ ଖୁସିରେ ଓଡିଶାର ସମ୍ବର୍ଦ୍ଧନା ଗ୍ରହଣ କରି ସୀମା ସମସ୍ୟା ଉପରେ ଆଲୋଚନା କରୁଥିବା ବେଳେ ଏକାଦିନେ ତାଙ୍କ ରାଜ୍ୟର ଅଫିସରମାନଙ୍କ ଦ୍ୱାରା କୋଟିଆରେ ଅନୁପ୍ରବେଶ କରାଇ କ’ଣ ବାର୍ତ୍ତା ଦେବାପାଇଁ ଚାହୁଁଛନ୍ତି ବୋଲି ଉତ୍କଳ ସମ୍ମିଳନୀ ପ୍ରଶ୍ନ କରିଛି । ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କର ଏହା ଦୋମୁହାଁ ନୀତି ନା ତାଙ୍କ ନିଜ ଅଫିସରମାନଙ୍କ ଉପରେ ନିଜର କର୍ତ୍ତୃତ୍ୱ ନାହିଁ ତାହାର ସ୍ପଷ୍ଟୀକରଣ ଆବଶ୍ୟକ ବୋଲି ସମ୍ମିଳନୀ ପକ୍ଷରୁ ଏହାର ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତି । ଦୁଇ ରାଜ୍ୟ ଭିତରେ ଥିବା ସମସ୍ୟାଗୁଡିକର ସମାଧାନ ପାଇଁ ଉଭୟ ରାଜ୍ୟର ବରିଷ୍ଠ ଅଧିକାରୀଙ୍କୁ ନେଇ ଗଠନ ହୋଇଥିବା ଉଚ୍ଚସ୍ତରୀୟ କମିଟି ସ୍ୱାଗତ ଯୋଗ୍ୟ ମାତ୍ର ଏହି କମିଟିକୁ କେବଳ ମୁଖ୍ୟମନ୍ତ୍ରୀ ମାନିଲେ ହେବନାହିଁ ଏହାକୁ ଆନ୍ଧ୍ର ଅଧିକାରୀଙ୍କ ସହିତ ସମସ୍ତେ ମାନି ଅନୁପ୍ରବେଶ ବନ୍ଦ କରିବା ଆବଶ୍ୟକ ବୋଲି ଉତ୍କଳ ସମ୍ମିଳନୀ ମତ ରଖିଛି ।

## ମୋବାଇଲ ଟାୱାର ସ୍ଥାପନ ନିମନ୍ତେ ଫୁଲବାଣୀଠାରୁ ଗୋଚ୍ଛାପଡା ରାସ୍ତା ଅବରୋଧ

ଫୁଲବାଣୀ (ପିଏନ୍): ଶୀତ ଋତୁ ଆରମ୍ଭ ଯୋଗୁଁ କନ୍ଧମାଳ ଜିଲ୍ଲାକୁ ପର୍ଯ୍ୟଟକଙ୍କର ଆଗମନ ହୋଇଥାଏ । କନ୍ଧମାଳ ଜିଲ୍ଲା ପର୍ବତ ପାହାଡଘେରା ଘାଟି ରାସ୍ତା ସୌନ୍ଦର୍ଯ୍ୟରେ ଭରି ରହିଛି । ଜିଲ୍ଲାରେ ପର୍ଯ୍ୟଟନସ୍ଥଳୀ ସୁନ୍ଦର ଜଳପ୍ରପାତମାନ ରହିଛି । ସେହିପରି ଫୁଲବାଣୀ ବ୍ଲକ ଅନ୍ତର୍ଗତ ପୁତୁଡି ଜଳପ୍ରପାତ ଯିବା ନିମନ୍ତେ ରାସ୍ତା ଘାଟି ଅବସ୍ଥା ଶୋଚନୀୟ ହୋଇରହିଛି । ଏହି ରାସ୍ତା ନିର୍ମାଣ ନିମନ୍ତେ ବାରମ୍ବାର ପ୍ରଶାସନ ନିକଟରେ ଦାବି ହେଉଥିଲେ ମଧ୍ୟ ପ୍ରଶାସନ କର୍ଣ୍ଣପାତ କରୁନାହାନ୍ତି । ମୋବାଇଲ ଟାୱାର ନଥିବାରୁ ଅଂଚଳବାସୀ ବିଭିନ୍ନ ସମସ୍ୟର ସମ୍ମୁଖୀନ ହେଉଛନ୍ତି । ଜରୁରୀ ସମୟରେ ଆମ୍ବୁଲାନ୍ସକୁ ଡାକାଯାଇ ପାରୁନାହିଁ । ଏଭଳି ସମସ୍ୟାର ସମାଧାନ ନିମନ୍ତେ ଭାରତୀୟ ଜନତା ପାର୍ଟି କନ୍ଧମାଳ ଜିଲ୍ଲା ଶାଖା ପକ୍ଷରୁ ପୁତୁଡି ଜଳପ୍ରପାତ ରାସ୍ତା ନିର୍ମାଣ ଏବଂ ମୋବାଇଲ ଟାୱାର ସ୍ଥାପନ ନିମନ୍ତେ ଫୁଲବାଣୀଠାରୁ ଗୋଚ୍ଛାପଡା ରାସ୍ତା ଅବରୋଧ କରାଯାଇଥିଲା । ଏହି ସମସ୍ୟାର ସମାଧାନ କରିବା ନିମନ୍ତେ ଫୁଲବାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶାନ୍ତନୁ କୁମାର ନାୟକଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମ ବେଳେ କନ୍ଧମାଳ ଜିଲ୍ଲା ସଭାପତି ଜଗନ୍ନାଥ ସାହୁ,ସାଧାରଣ ସମ୍ପାଦକ ଲିଙ୍ଗରାଜ ଦଳବେହେରା,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବ ନାରାୟଣ ପ୍ରଧାନ, ସୁଶାନ୍ତ ମହାନ୍ତି, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମିତାରାଣୀ ମହାନ୍ତି, ଯୁବମୋର୍ଚ୍ଚା ସଭାପତି ଗୋଲକବିହାରୀ କହଁର ପ୍ରମୁଖଙ୍କ ସମେତ ବହୁ ବିଜେପି କର୍ମୀଙ୍କ ସହ ଅଂଚଳବାସୀ ମଧ୍ୟ ଯୋଗ ଦେଇଥିଲେ ।

## ବାଣ ଭିଡୁଥିବା ବେଳେ ବିସ୍ଫୋରଣରେ ଜଣେ ମୃତ, ଜଣେ ଗୁରୁତର



କେନ୍ଦ୍ରାପଡ଼ା (ପିଏନ୍): ଦୀପାବଳିରେ ବାଣ ଭିଡୁଥିବା ବେଳେ ବାଣ ବିସ୍ଫୋରଣ ହେବାରୁ ସେଥିରେ ଜଣଙ୍କର ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡିଛି । କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଯମଧର ପଞ୍ଚାୟତର ଜୁଇଦାସପୁର ଗ୍ରାମରେ ଏହି ଅଘଟଣ ଘଟିଥିଲା । ବାଣ ଭିଡୁଥିବା ବେଳେ ସେହି ଗ୍ରାମର କୃଷ୍ଣଚନ୍ଦ୍ର ନାୟକ ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ବାଣ କିଣିବାକୁ ଆସିଥିବା ଜଣେ ଯୁବ ଇଞ୍ଜିନିଅର ଚିନ୍ମୟ ବରାଳ(୨୫) ଗୁରୁତର ଆହତ ହୋଇଛନ୍ତି । ବିସ୍ଫୋରଣର ଶବ୍ଦ ଏତେ ଯୋରରେ ହୋଇଥିଲା ଯେ ଆଖପାଖ ଅଞ୍ଚଳର ଲୋକେ ଭୟଭୀତ ହୋଇ ପଡିଥିଲେ । ଖବର ଅନୁଯାଇ ଦୀପାବଳି ଅମାବାସ୍ୟାର ସନ୍ଧ୍ୟା ପ୍ରାୟ ୭ଟା ସମୟରେ କୃଷ୍ଣଚନ୍ଦ୍ର ବାଣ ଭିଡିବା ପାଇଁ ବାରୁଦ ଓ ଅନ୍ୟାନ୍ୟ ସାମଗ୍ରୀ ଏକାଠି କରିଥିଲେ । ଏହାପରେ ଏହି ସାମଗ୍ରୀରେ ଉଚ୍ଚ ଶବ୍ଦ କରିବା ଭଳି ବାଣ ଭିଡୁଥିଲେ । ବାଣ କିଣିବା ପାଇଁ ପୂର୍ବରୁ ବରାଦ ଦେଇଥିଲେ ଚିନ୍ମୟ । କୃଷ୍ଣ ଚିନ୍ମୟଙ୍କୁ ସନ୍ଧ୍ୟା ୭ଟା ସମୟରେ ତାଙ୍କ ଘରକୁ ଆସିବା ପାଇଁ କହିଥିଲେ । ଫଳରେ ଠିକ ସମୟରେ ଚିନ୍ମୟ କୃଷ୍ଣଙ୍କ ଘରକୁ ବାଣ ନେବା ପାଇଁ ଯାଇଥିଲେ । ସେ କୃଷ୍ଣଙ୍କ ନିକଟରେ ପହଞ୍ଚିବା ପରେ କୃଷ୍ଣ କିଛି ସମୟ ପାଇଁ ଅପେକ୍ଷା କରିବାକୁ କହିଲେ । ଏହି ସମୟରେ କୃଷ୍ଣ ଭିଡୁଥିବା ବାଣଟି ହଠାତ ବିସ୍ଫୋରଣ ହୋଇଥିଲା । ଏହି ବିସ୍ଫୋରଣରେ କୃଷ୍ଣ ଯେଉଁ ଚାଳ ଛପର ଘରେ ବାଣ ଭିଡୁଥିଲେ ତାହା ସଂପୂର୍ଣ୍ଣ ଜଳି ପୋଡି ପାଉଁଶ ହୋଇଯାଇଥିଲା । ଏଥିରେ କୃଷ୍ଣଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଯାଇଥିଲା । ଚିନ୍ମୟଙ୍କୁ ଗୁରୁତର ଆହତ ଅବସ୍ଥାରେ ପ୍ରଥମେ କେନ୍ଦ୍ରାପଡା ଡାକ୍ତରଖାନା ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ଗ୍ରାମବାସୀ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ । ସଦର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି କୃଷ୍ଣଙ୍କୁ ଡାକ୍ତରଖାନା ଆଣିଥିବା ବେଳେ ଡାକ୍ତର କୃଷ୍ଣଙ୍କୁ ମୃତ ଘୋଷଣା କରିଥିଲେ । ସଦର ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

## ଖଜୁରୀପଡ଼ା ପଂଚାୟତ ସମିତି ସାଧାରଣ ସଭାରେ କନ୍ଧମାଳ ସାଂସଦଙ୍କ ଆଲୋଚନା

ଫୁଲବାଣୀ (ପିଏନ୍): କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ବ୍ଲକ ପଂଚାୟତ ସମିତି ସଭାଗୃହଠାରେ ସାଧାରଣ ସଭା ଅଧ୍ୟକ୍ଷ ବିରେନ୍ଦ୍ର କୁମାର କହଁରଙ୍କ ଅଧ୍ୟକ୍ଷତାରେ ଓ ବିଡିଓ ରବିନ୍ଦ୍ରନାଥ କହଁରଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ କନ୍ଧମାଳ ସାଂସଦ ଡ଼ଃ. ଅଚ୍ୟୁତ ସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷା ସୌଦାମିନୀ କହଁର, ଜିଲ୍ଲା ପରିଷଦ ସଭ୍ୟା ଜୁଲିଲତା ଲେଙ୍କା, ସହକାରୀ ଯନ୍ତ୍ରୀ ଅରୁଣ ତ୍ରିପାଠୀ, ପଂଚାୟତ ସମ୍ପ୍ରସାରଣ ଅଧିକାରୀ ସୋନମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ବିଭିନ୍ନ ସରକାରୀ ଯୋଜନା ବିଜୁକଲ୍ୟାଣ ସ୍ୱାସ୍ଥ୍ୟ ଯୋଜନା, ସମନ୍ୱିତ ଶିଶୁ ବିକାଶ ଯୋଜନା ଓ ଅଙ୍ଗନୱାଡି ଗୃହ ନିର୍ମାଣ, ପଂଚାୟତ ସମିତିରେ ଥିବା ରାସ୍ତାଗୁଡିକ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ, ୫ଟି ଯୋଜନା ଦ୍ୱାରା ପରିଚାଳିତ ବ୍ଲକ ଭିତରେ ୬ଟି ସ୍ମାର୍ଟ ହାଇସ୍କୁଲ ଗୁରୁବାର ଦିନ ଉଦ୍‌ଘାଟନ, ସମସ୍ତ ବିଷୟଗୁଡିକ ଉପରେ ଆଲୋଚନା କରାଯାଇଥିଲା । ଏହି ସାଧାରଣସଭାରେ ସମସ୍ତ ୧୪ ଗୋଟି ପାନ ପଂଚାୟତର ସରପଂଚ, ସମିତି ସଭ୍ୟ/ସଭ୍ୟା ଓ ବିଭିନ୍ନ ସରକାରୀ ବିଭାଗର ଅଧିକାରୀ କର୍ମଚାରୀ ଉପସ୍ଥିତ ଥିଲେ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ।।
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ନଭେମ୍ବର ୧୪

# ସମାଜସେବୀ ତଥା ରାଜନୀତିଜ୍ଞ ପ୍ରଦ୍ୟୁମ୍ନ ବଳ ସ୍ମରଣେ...



୧୯୮୪ ମସିହା କଥା । ମନେଅଛି ସେଦିନ ରବିବାର ଥାଏ, ମାସଟି ଠିକ୍ ମନେ ନାହିଁ । ସ୍କୁଲ୍ ଛୁଟି ଥିବାରୁ ମୁଁ ପ୍ରାୟ ନଅଟା ସମୟରେ ଆଉ କପେ ଚାହା ପିଇ, ଖବର କାଗଜର ପୃଷ୍ଠା ଲେଉଟାଉ ଥାଏ । ଏହି ସମୟରେ, ଓଡିଶା ଉଚ୍ଚ ନ୍ୟାୟାଳୟର ମୋର ଜଣେ ଓକିଲ ବନ୍ଧୁ ଶିଶିର ଦାସ, ଜଣେ ଲୋକଙ୍କୁ ସାଙ୍ଗରେ ଧରି ମୋ ପାଖରେ ପହଂଚିଲେ । ପାଇଜାମା ପଞ୍ଜାବୀ ପରିହିତ ଖର୍ବକାୟ ବ୍ୟକ୍ତି ଜଣଙ୍କ ସହିତ ମୋର ଆଗରୁ ପରିଚୟ ନଥିଲା । ତାଙ୍କର ହସହସ ମୁଖମଣ୍ଡଳରୁ ତାଙ୍କର ବଳିଷ୍ଠ ବ୍ୟକ୍ତିତ୍ୱ ବେଶ୍ ବାରିହୋଇ ପଡୁଥିଲା । କିଛି ସମୟ କଥାବାର୍ତ୍ତା ହେବାପରେ, ସେ କେନ୍ଦ୍ରାପଡା ଲୋକସଭା ନିର୍ବାଚନ ମଣ୍ଡଳିରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରୁଛନ୍ତି ବୋଲି ଜାଣିବାକୁ ପାଇଲି । ପ୍ରତିଦ୍ୱନ୍ଦୀ ଥିଲେ ଜନତା ପାର୍ଟିର ବିଜୁ ପଟ୍ଟନାୟକ ଏବଂ କଂଗ୍ରେସର ଭାଗବତ ପ୍ରସାଦ ମହାନ୍ତି ଓ ଅନ୍ୟାନ୍ୟ ତିନିଜଣ ସ୍ୱାଧୀନ ପ୍ରାର୍ଥୀ । ମୋର ମୁହଁରୁ ଆଶଙ୍କା ଅନୁଧ୍ୟାନ କରି,ସେ କହିଲେ,ସାର୍ ଆପଣ କିଛି ଭାବନ୍ତୁ ନାହିଁ,ରଣାଙ୍ଗନରେ ଅବତୀର୍ଣ୍ଣ ହୋଇ ସାରିଛି, ଫଳ ଈଶ୍ୱରଙ୍କ ହାତରେ ।



ତାଙ୍କର ଆତ୍ମବିଶ୍ୱାସ, ଦୃଢୋକ୍ତି ତଥା ସ୍ପଷ୍ଟବାଦିତାରେ ଆକର୍ଷିତ ହୋଇ ତାଙ୍କୁ ନିର୍ବାଚନରେ ସାହାଯ୍ୟ କରିବି ବୋଲି ପ୍ରତିଶ୍ରୁତି ଦେଇଦେଲି । ଆମ ଗ୍ରାମର ମୋର ଜଣେ ବାଲ୍ୟବନ୍ଧୁ, ତଥା ମୁଁ ଯେଉଁ ବିଦ୍ୟାଳୟରେ ଶିକ୍ଷକତା କରୁଥିଲି, ସେହି ବିଦ୍ୟାଳୟରେ କ୍ରୀଡା ଶିକ୍ଷକ ଭାବେ କାର୍ଯ୍ୟରତ ଜୟଦେବ ମିଶ୍ର ମଧ୍ୟ ଏ କାର୍ଯ୍ୟରେ ପୂର୍ଣ୍ଣପ୍ରାଣରେ ସହଯୋଗ କରିଥିଲେ।ନିର୍ବାଚନ ସରିଗଲା । ସେତେବେଳେ ବାଲାଟ କାଗଜ ଗୁଡିକ ହାତରେ ଗଣତି ହେଉଥିଲା ।

ରେଭେନସା କଲେଜିଏଟ୍ ସ୍କୁଲର ଗଣତି କେନ୍ଦ୍ର ରେ, ଏବେ ଏବେ ପରପାରିକୁ ଚାଲିଯାଇଥିବା, ସ୍ୱର୍ଗତଃ ଶରତ କର ଏବଂ ସ୍ୱର୍ଗତଃ ମତଲୁବ ଅଲ୍ଲୀଙ୍କ ସହିତ ମୁଁ ଥିଲି କାଉଂଟିଙ୍ଗ୍ ସେଂଟ୍ରାଲ୍ ଟେବୁଲ୍‌ରେ । ଗୋଟିଏ କଥା ମୋତେ ସବୁଠାରୁ ଆନନ୍ଦ ଦେଇଥିଲା ଯେ, ସମଗ୍ର କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀରୁ ଆମ ଗାଁ ଈଶାଣୀବ୍ରହ୍ମପୁରରୁ ସେ ସର୍ବାଧିକ ଭୋଟ ପାଇଥିଲେ, ଯାହାକି ତାଙ୍କ ନିଜ ଗ୍ରାମ କୁସୁପୁର ଠାରୁ ମଧ୍ୟ ଅଧିକ ଥିଲା । ସେଥର ନିର୍ବାଚନରେ ସେ ହାରିଯାଇଥିଲେ ସତ, କିନ୍ତୁ ଦୁଃଖ କିମ୍ବା କାତରତା ତାଙ୍କୁ ସାମାନ୍ୟତମ ସ୍ପର୍ଶ କରି ପାରିନଥିଲା । ସେ ଥିଲେ,୧୯୩୪ ମସିହା ନଭେମ୍ବର ମାସ ୩୦ ତାରିଖରେ, କଟକ ଜିଲ୍ଲା ମାହାଙ୍ଗା ଅଂଚଳର କୁସୁପୁର ଗ୍ରାମର, କୃଷ୍ଣକିଶୋର ବଳଙ୍କ ଔରସ ଏବଂ ସତ୍ୟଭାମା ବଳଙ୍କ ଗର୍ଭଜାତ ସନ୍ତାନ, ପ୍ରଦ୍ୟୁମ୍ନ କିଶୋର ବଳ । ସେ ଏକାଧାରରେ ଥିଲେ ଜଣେ ଲେଖକ, ସାମ୍ବାଦିକ, ସମାଜସେବୀ, ଦକ୍ଷ ରାଜନୈତିଜ୍ଞ ତଥା ସର୍ବୋପରି ଓଡିଶାର ଗୋଟିଏ ଅଧିକ ପ୍ରସାରିତ ଏବଂ ଆଦୃତ ଦୈନିକ ସମ୍ବାଦପତ୍ର ପ୍ରଗତିବାଦୀର ପ୍ରତିଷ୍ଠାତା ସମ୍ପାଦକ । ପଲ୍ଲୀକବି ନନ୍ଦକିଶୋର ବଳଙ୍କ ନାମରେ ନାମିତ, ଏନ୍.କେ.ବିଦ୍ୟାମନ୍ଦିର, କୁସୁପୁରରେ ମାଧ୍ୟମିକ ଶିକ୍ଷା, ଷ୍ଟିୱାର୍ଟ କଲେଜରେ ଆଇ.ଏ. ଏବଂ ରେଭେନ୍ସା କଲେଜରେ ସ୍ନାତକ ଶିକ୍ଷା ପରେ, ପ୍ରତ୍ୟକ୍ଷ ରାଜନୀତିକୁ ପାଦ ପକାଇଥିଲେ।୧୯୪୬ରେ ଛାତ୍ର କଂଗ୍ରେସ ଏବଂ ୧୯୫୯ରୁ୧୯୭୫ ପର୍ଯ୍ୟନ୍ତ ଭାରତୀୟ ଜାତୀୟ କଂଗ୍ରେସର ସଭ୍ୟ ଥିଲେ।୧୯୬୧ରୁ ୧୯୬୭ ପର୍ଯ୍ୟନ୍ତ ଜିଲ୍ଲା ଯୁବକଂଗ୍ରେସର କାର୍ଯ୍ୟନିର୍ବାହି ପରିଷଦର ସଦସ୍ୟ,୧୯୬୭-୬୮ରେ ପ୍ରଦେଶ ଯୁବକଂଗ୍ରେସର କାର୍ଯ୍ୟନିର୍ବାହି ପରିଷଦର ସଦସ୍ୟ,୧୯୬୮ରୁ ୧୯୭୧ପର୍ଯ୍ୟନ୍ତ ଉତ୍କଳ ପ୍ରଦେଶ ଯୁବକଂଗ୍ରେସର ସଭାପତି,୧୯୭୦ରୁ ୧୯୭୫ ଉତ୍କଳ ପ୍ରଦେଶ କଂଗ୍ରେସର କାର୍ଯ୍ୟନିର୍ବାହି ପରିଷଦର ସଦସ୍ୟ ଭାବରେ ସେ ଦକ୍ଷତାର ସହିତ କାର୍ଯ୍ୟ ନିର୍ବାହ କରିଥିଲେ । ୧୯୭୭ ଲୋକସଭା ନିର୍ବାଚନରେ ସେ ଭାରତୀୟ ଲୋକଦଳ ତରଫରୁ ପ୍ରାର୍ଥୀ ହୋଇ ଜଗତସିଂହପୁର ଆସନରୁ ୨୨୭୬୨୦ଖଣ୍ଡ ୫୭.୩% ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦୀ ବାସୁଦେବ ମହାପାତ୍ରଙ୍କୁ ହରାଇ ବିଜୟଲାଭ କରିଥିଲେ ।

ସାମାଜିକ ସେବା କ୍ଷେତ୍ରରେ ତାଙ୍କର ଭୂମିକା ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବନ୍ୟା,ବାତ୍ୟା,ମରୁଡି ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସେ ଦୁସ୍ଥ ଲୋକଙ୍କୁ ଅକୁଣ୍ଠିତ ଚିତ୍ତରେ ସାହାଯ୍ୟର ହସ୍ତ ପ୍ରସାରିତ କରୁଥିଲେ । ସାଧାରଣ ଲୋକଙ୍କ ପାଇଁ ସହୃଦୟତା ନିମନ୍ତେ ସେ ବେଶ୍ ଲୋକପ୍ରିୟତା ଅର୍ଜନ କରି ପାରିଥିଲେ । ବିଶେଷ ଭାବରେ ସେ ସମାଜର ଦୁର୍ବଳ ଶ୍ରେଣୀ ହରିଜନ ଆଦିବାସୀଙ୍କ ଉନ୍ନତିକଳ୍ପେ ବିଶେଷ ସହିତ କାର୍ଯ୍ୟ କରୁଥିଲେ । ଦୁର୍ନୀତି ବିରୁଦ୍ଧରେ ତାଙ୍କର ଶାଣିତ ସ୍ୱରଉତ୍ତୋଳନ ନିମନ୍ତେ ସେ ଖୁବ୍ ଚର୍ଚ୍ଚିତ ଥିଲେ । ସାହିତ୍ୟ ସାଧନା କ୍ଷେତ୍ରରେ ସେ, କବିତା,କ୍ଷୁଦ୍ର ଗଳ୍ପ,ପ୍ରବନ୍ଧ ରଚନା ଏବଂ ସମ୍ବାଦପତ୍ରର ସ୍ତମ୍ଭକାର ଭାବରେ ଅତ୍ୟନ୍ତ ଦକ୍ଷ ଥିଲେ । ୧୯୫୯ମସିହାରେ ସେ ସରସ୍ୱତୀ ବଳଙ୍କ ସହିତ ବିବାହ ବନ୍ଧନରେ ଆବଦ୍ଧ ହୋଇ ପରବର୍ତ୍ତୀ କାଳରେ ତିନୋଟି ପୁତ୍ର ସନ୍ତାନ ଏବଂ ଗୋଟିଏ କନ୍ୟା ସନ୍ତାନର ଜନକ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ । ଭାରତର ବିଶିଷ୍ଟ ଶିକ୍ଷାବିତ୍, ଡକ୍ଟର ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା,ଭୁବନେଶ୍ୱରରେ ତାଙ୍କ ନାମରେ "ପ୍ରଦ୍ୟୁମ୍ନ ବଳ ମେମୋରିଆଲ ହସପିଟାଲ" ପରି ଏକ ସୁପରସ୍ପେଶାଲିଟି ମେଡିକାଲ ଖୋଲାଯାଇ, ଚିକିତ୍ସା କ୍ଷେତ୍ରରେ ବହୁତ ସୁନାମ କରିପାରିଛି । ତାଙ୍କ ପରି ଜଣେ ଦକ୍ଷ, ସମାଜସେବୀ, ସ୍ନେହୀ, ପରୋପକାରୀ, ମିଷ୍ଟଭାଷୀ ଦରଦୀ ମଣିଷ ଏ ଓଡିଶା ମାଟିରେ ବାରମ୍ବାର ଜନ୍ମ ନିଅନ୍ତୁ, ତାଙ୍କର ପୁଣ୍ୟ ଜନ୍ମ ତିଥିରେ, ଆମର ଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ।

**ପ୍ରଦୀପ୍ତ ଆଚାର୍ଯ୍ୟ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଈଶାଣୀବ୍ରହ୍ମପୁର, କଟକ । ମୋ-୭୩୭୭୧୫୯୩୨୨୦**

## ଆଜିର ଅନୁଚିନ୍ତା

ସଂସାରର ବ୍ୟବହାରକୁ ଜାଣିଥିବା ବ୍ୟକ୍ତି ହେଉଛି ସର୍ବଜ୍ଞ ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ବାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉତ୍ସୁକ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ବାଦକଙ୍କ ସହ ଯୋଗାଯୋଗ କରିପାରିବେ ।

E-mail: editorpbkc@gmail.com
9853400829 (M), Fax: 0674-2550504

# ଚାଚା ନେହେରୁ

**...............ଅକ୍ଷୟ କୁମାର ରାଉତ**



ଯୁଗଯୁଗ ଧରି ମଣିଷ ପ୍ରକୃତି ସହିତ ସଂଗ୍ରାମ କରିଆସିଛି, ଧୂଳି ଧୂସରିତ ଏଇ ଧରାବକ୍ଷରେ ସ୍ୱର୍ଗର ପାରିଜାତ କାନନ ସୃଷ୍ଟି କରିବାକୁ । ସଭ୍ୟତାର ସୂର୍ଯ୍ୟୋଦୟ ଠାରୁ ଲୋକେ ସଂସାରକୁ ଆସନ୍ତି, ଖାଆନ୍ତି, ପିଅନ୍ତି ଆଉ ଦିନେ ବିଦାୟ ନେଇ ଚାଲିଯାଆନ୍ତି । ଏତ ପୋକ ମାଛିର ଜୀବନ । ଯେଉଁ ମଣିଷ ମାନବ ସେବାକୁ ବ୍ରତ କରି, ଜୀବନକୁ ଶିବଭାବି ସେବା କରେ, ତାକୁ ହରାଇଲେ ସମସ୍ତ ଜୀବଜଗତ ଓ ମନୁଷ୍ୟ ସମାଜ ଦୁଃଖୀ ହୁଏ । ଆଖିରୁ ଲୁହ ଝରାଇ ତାର ଗୁଣ ବାହୁନେ । ଏମିତି ଜୀବନ ଥିଲା ଜବାହାରଲାଲାଙ୍କର । ୧୮୮୯ ମସିହା ନଭେମ୍ବର ୧୪ ତାରିଖରେ ସ୍ୱରପାରାଣୀଙ୍କ ଗର୍ଭରୁ ମୋତିଲାଲଙ୍କ ଔରସରୁ ଏକ ପୁତ୍ର ସନ୍ତାନ ଜନ୍ମ ଲାଭ କଲା । ପୁତ୍ରଟିର ନାମକରଣ କରାଗଲା ଜବାହାରଲାଲ । ଜହର ଅର୍ଥାତ ରତ୍ନ, ଲାଲ ଅର୍ଥ ପୁତ୍ର । 'ଆନନ୍ଦ ଭବନ'ରେ ଜବାହାରଲାଲ ଖୁସିରେ ବଢିବାକୁ ଲାଗିଲେ । ସେ ମୁବାରକ ଅଲ୍ଲୀଙ୍କଠାରୁ ନାନାଦି ଗପ ଶୁଣନ୍ତି । ସିପାହୀ ବିଦ୍ରୋହର ଘଟଣାବଳୀ ତାଙ୍କ ଉପରେ ପ୍ରଭାବ ପକାଇଥିଲା । ଛୋଟବେଳରୁ ଭାରତକୁ ସ୍ୱାଧୀନତା କିପରି ମିଳିବ ସେ ଚିନ୍ତା କରୁଥିଲେ । ୧୫ ବର୍ଷ ବୟସରେ ଇଂଲଣ୍ଡର ହ୍ୟାରୋ ସ୍କୁଲରେ ନାମ ଲେଖାଇ ପଢା ପଢିରେ ମନ ଲଗାଇ ଦେଲେ । ହ୍ୟାରୋ ସ୍କୁଲରେ ପାଠ ପଢା ଶେଷ କରି, କେମ୍ବ୍ରିଜ ବିଶ୍ୱ ବିଦ୍ୟାଳୟରେ ନାଁ ଲେଖାଇଲେ । ସେଠି ସେ ବିଜ୍ଞାନ ପଢିଲେ, କେମଷ୍ଟ୍ରୀ, ବଟାନି ଓ ଖଣିତତ୍ତ୍ୱ ବିଷୟ ନେଇ, କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରୁ ଡିଗ୍ରୀ ପାଶ୍ କରି ସେ ଆୟାରଲ୍ୟାଣ୍ଡ ଓ ନରୱେ ଭ୍ରମଣରେ ଯାଇଥିଲେ । ବହୁତ ଦୁର୍ଗମ ପାହାଡ଼ିଆ ଅଂଚଳ ଭ୍ରମଣ ସାରି ଏକ ହୋଟେଲରେ ବିଶ୍ରାମ ନେଲେ । ସ୍ନାନ ପାଇଁ ହୋଟେଲରେ ସୁବିଧା ନଥିବାରୁ, ଏକ ଝରଣାରେ ସ୍ନାନ ସମୟରେ ଗୋଡ଼ ଖସିଗଲା । ସେ ଝରଣା ସ୍ରୋତରେ ଭାସିଗଲେ । ବହୁ କଷ୍ଟରେ କୂଳରେ ପହଂଚିଲେ ତାଙ୍କ ବନ୍ଧୁ ଟାଣି ଉପରକୁ ଉଠାଇଲେ । ଏକପ୍ରକାର ମୃତ୍ୟୁମୁଖରୁ ରକ୍ଷା ପାଇଗଲେ । ୧୯୧୨ ଖ୍ରୀଷ୍ଟାବ୍ଦରେ ଲଣ୍ଡନରୁ ବାରିଷ୍ଟରି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । ଭାରତକୁ ଫେରି ବମ୍ବେ ବନ୍ଦରରେ ପହଂଚିଲେ । ଏଲ୍ଲାହାବାଦରେ ପିତାଙ୍କୁ ନପାଇ ସେ ମସୋରୀକୁ ଗଲେ । ପିତାଙ୍କ ଜୁନିୟର ଭାବେ ଏଲହାବାଦ କୋର୍ଟରେ ଓକିଲାତି ଆରମ୍ଭ କଲେ । ମୋତିଲାଲ ପୁଅ ଜବାହରଙ୍କୁ ପଚାରିଲେ, ''ସ୍ତ୍ରୀ ସୁନ୍ଦରୀ ଚାହୁଁଚ ନା ଶିକ୍ଷିତା ଚାହୁଁଚ''–ଜବାହର ଉତ୍ତର ଦେଲେ ଆପଣଙ୍କର ନାକ ଦରକାର କି ଆଖି ? ଆପଣଙ୍କ ପ୍ରଶ୍ନ ଠିକ୍ ଏମିତି ମୋର ଦୁଇଟିଯାକ ଦରକାର । ମୋତିଲାଲ ଷୋଡଷ ବର୍ଷୀ ଅନିନ୍ଦ୍ୟସୁନ୍ଦରୀ ଉଚ୍ଚା, ପତଳା ଓ ଗୌରବର୍ଣ୍ଣ କମଳାକୁ ପୁତ୍ରବଧୂ କରିବାକୁ ସ୍ଥିର କଲେ । ୧୯୧୬ ମସିହା ଶ୍ରୀପଂଚମୀ ଦିନ ମୋତିଲାଲ ନିଜର ପୁତ୍ରର ବିବାହ ଉତ୍ସବ ବହୁତ ଆଡ଼ମ୍ବର ସହକାରେ ଶେଷ କଲେ । ଜବାହାରଲାଲ ଓ କମଳା ଦୁହିଁଙ୍କ ଜୀବନରେ ନୂଆ ରୂପ, ନୂଆ ମହକ ଓ ସୁଖ ସନ୍ତୋଷ ଭରି ହୋଇଗଲା । ଦେଶସେବା ପାଇଁ କମଳାଙ୍କ ମନରେ ଯେଉଁ ଆଗ୍ରହ ତାହା ଜବାହାରଙ୍କୁ ଖୁସି ଦେଉଥିଲା । ନୂଆ ସୁଖ ଦୁଇ ଜୀବନକୁ ଭଲ ଲଗୁଥିଲା । ସରୋଜିନୀ ନାଇଡୁଙ୍କର ଭାଷଣରେ ଜବାହାରଙ୍କ ମନରେ ଦେଶ ପ୍ରେମ ଓ ଜାତୀୟତାଭାବ ସୃଷ୍ଟି ହେଲା । ଗାନ୍ଧୀଙ୍କର ବ୍ୟକ୍ତିତ୍ୱ ଓ ଚମ୍ପାରଣର ନୀଳଚାଷୀଙ୍କ ବିଜୟ ଜବାହାରଙ୍କୁ ପ୍ରଭାବିତ କରିଥିଲା । କମଳା ନେହୁରୁଙ୍କ ଗର୍ଭରୁ ଏକ କନ୍ୟାଜାତ ହେଲା । ଯାର ନାମ ଦିଆଗଲା ଇନ୍ଦିରା । ପିତାଙ୍କ ବାରଣ ହେତୁ ଜବାହାର ସତ୍ୟାଗ୍ରହରେ ଯୋଗ ଦେଇ ପାରିଲେ ନାହିଁ । ଗାନ୍ଧୀ ଆସି ଆନନ୍ଦ ଭବନରେ ଚାରିଦିନ ରହି ପିତାଙ୍କ ମନକଷ୍ଟ ନକରିବାକୁ ଜବାହାରଙ୍କୁ ପରାମର୍ଶ ଦେଲେ । ଗାନ୍ଧିଜୀ ସତ୍ୟାଗ୍ରହ ଆନ୍ଦୋଳନରେ ଗିରଫ ହେଲେ । ଗାନ୍ଧିଜୀଙ୍କ ଗିରଫ ଯୋଗୁ ଜନତା ପୋଲିସ ସହ ଧସ୍ତାଧସ୍ତି ଆରମ୍ଭ ହୋଇଗଲା । ପୋଲିସ ଗୁଳିରେ ନିରୀହ ଲୋକଙ୍କୁ ହତ୍ୟା କଲେ । ଡାୟାର ସାହେବ ପଂଜାବରେ ଆତଙ୍କ ସୃଷ୍ଟି କରି କେତେକଙ୍କୁ ବନ୍ଦୀ କଲେ । ହଣ୍ଟର କମିଶନକୁ କଂଗ୍ରେସ ବିରୁଦ୍ଧ କଲା । ଲୋକମାନ୍ୟ ବାଳ ଗଙ୍ଗାଧର ତିଳକଙ୍କର ମୃତ୍ୟୁ ଶୋଭାଯାତ୍ରାରେ ଗାନ୍ଧୀଙ୍କ ସହିତ ଜବାହାର ଯୋଗଦେଲେ । ଏହି ସମୟରେ କମଳା ଏକ ପୁତ୍ରଙ୍କୁ ଜନ୍ମ କରିବାର ସାତ ଦିନ ପରେ ତା'ର ମୃତ୍ୟୁ ହୋଇଗଲା । କମଳା ଯକ୍ଷ୍ମାରେ ଅସୁସ୍ଥ ହୋଇଗଲେ । ସେଥିପାଇଁ କମଳାଙ୍କୁ ସଙ୍ଗରେ ଧରି ଜବାହାର ଇଉରୋପ ଚାଲିଗଲେ । ଜେନେଭାଠାରେ କିଛି ଦିନ ରହିଲେ । ମୋତିଲାଲ କନ୍ୟା କୃଷ୍ଣାଙ୍କୁ କମଳା ନେହେରୁଙ୍କର ସେବାକାର୍ଯ୍ୟ ପାଇଁ ଜେନେଭା ପଠାଇ ଦେଲେ । ଋଷ୍ ଆନ୍ଦୋଳନର ଦଶମ ବାର୍ଷିକୋତ୍ସବର ଆମନ୍ତ୍ରଣ ରକ୍ଷାକରି ମୋତିଲାଲ, ଜବାହର ଓ କୃଷ୍ଣା ବର୍ଲିନ ଠାରୁ ଋଷ୍ ଅଭିମୁଖେ ରେଳ ଯାତ୍ରା କଲେ । ସେମାନେ ପହଂଚିବା ବେଳକୁ ଉତ୍ସବ ସମାପ୍ତି ହୋଇଥିଲା । ତଥାପି ସେମାନେ ଋଷ୍‌ରେ ଚରିଦିନ ରହିଗଲେ । କମଳା ନେହୁରଙ୍କ ସ୍ୱାସ୍ଥ୍ୟ ସ୍ୱାଭାବିକ ହେବାରୁ ଜବାହାର ସପରିବାରେ ଭାରତକୁ ଫେରିଆସିଲେ ।



ପଂଜାବ କେଶରୀ ଲାଲା ଲଜପତ ରାୟ ସାଇମନ କମିଶନଙ୍କୁ ବିରୋଧ କଲେ । ଗୋରା ସିପାହୀମାନେ ଜନସାଧାରଣଙ୍କୁ ଗୋରୁଗାଈଙ୍କ ଭଳି ଲାଠିରେ ମାଡ ଦେଲେ । ଗୋରା ସିପାହୀ ମାଡରେ ଲାଲା ଲଜପତ ରାୟ କିଛିଦିନ ପରେ ମୃତ୍ୟୁମୁଖରେ ପଡିଲେ । ଲାଲାଙ୍କ ମୃତ୍ୟୁ ପରେ ଭାରତବର୍ଷରେ ଆନ୍ଦୋଳନ ତେଜି ଉଠିଲା । ଭଗତ୍ ସିଂହ ଲାଲା ଲଜପତ ରାୟଙ୍କୁ ହତ୍ୟା କରିଥିବା ଗୋରା ପୋଲିସଙ୍କୁ ହତ୍ୟା କରି ଗିରଫ ହେଲେ । ଜବାହାରଙ୍କୁ ପୋଲିସ୍ ମାଡ଼ ମାରିଥିବା କଥା ଚରିଆଡେ ପ୍ରଚରିତ ହୋଇଗଲା । ଲାଠି ମାଡରେ ଜବାହାରଙ୍କର ସର୍ବାଙ୍ଗ ଶରୀର ବ୍ୟଥା ହେଉଥାଏ । ମୋତିଲାଲ ଖବର ପାଇ ଏହ୍ଲାବାଦରେ ପହଂଚି ଜବାହାରଙ୍କୁ ଦେଖାକଲେ । ମୋତିଲାଲ ଏକ ସମ୍ବିଧାନ ତିଆରି କଲେ ତାହା ନେହେରୁ ରିପୋର୍ଟ ନାମରେ ପ୍ରସିଦ୍ଧ । ଏହି ରିପୋର୍ଟରେ ଔପନିବେଶିକ ସ୍ୱାଧୀନତା ଥିଲା । ଏହାକୁ ସୁବାଷ ବୋଷ ଓ ଅନ୍ୟାନ୍ୟ ସତ୍ୟାଗ୍ରହୀମାନେ ବିରୋଧ କଲେ । କଂଗ୍ରେସର କଲିକତା ଅଧିବେଶନରେ ଏକ ସୂତ୍ର ବାହାରିଲା । କଂଗ୍ରେସ ଔପନିବେଶିକ ସ୍ୱାଧୀନତା କରାଇ ନପାରିଲେ ଭାରତକୁ ପୂର୍ଣ୍ଣ ସ୍ୱାଧୀନତା ନିମିତ୍ତ ଦାବି କରାଯିବ । ଏହି ଔପନିବେଶକବାଦରୁ କଂଗ୍ରେସର ସଂପାଦକ ଜବାହାରଲାଲ ଓ ସୁବାଷ ବୋଷ ବିରୋଧ କରି କଲିକତା ଅଧିବେଶନକୁ ଗଲେ ନାହିଁ । ମୋତିଲାଲ ସ୍ୱରାଜ ଦଳ ଗଠନ କଲେ । ମୋତିଲାଲ ଇସ୍ତଫା ଦେବାପରେ ଜବାହାର ୧୯୨୯ ମସିହାରେ କଂଗ୍ରେସର ସଭାପତି ହେଲେ । ପୂର୍ଣ୍ଣ ସ୍ୱରାଜକୁ କଂଗ୍ରେସର ଲକ୍ଷ୍ୟ ବୋଲି ଗ୍ରହଣ କରିନିଆଗଲା । ଇଂରେଜ ସରକାର ୧୯୨୯ରେ ଭାରତକୁ ଔପନିବେଶିକ ସ୍ୱାଧୀନତା ଦେଲେନାହିଁ । କଂଗ୍ରେସ ଲାହୋର ଅଧିବେଶନରେ ପୂର୍ଣ୍ଣ ସ୍ୱାଧୀନତା ପାଇବା ନିମିତ୍ତ ଆନ୍ଦୋଳନ ଆରମ୍ଭ କରିଦେଲେ । ମହାତ୍ମା ଗାନ୍ଧୀ ଓ ଜବାହାରଲାଲ ୧୯୩୦ ମସିହା ଜାନୁୟାରୀ ମାସ ୨୬ ତାରିଖକୁ ସ୍ୱାଧୀନତା ଦିବସ (ଶପଥ ଦିବସ) ରୂପେ ଘୋଷଣା କଲେ । ଜବାହାରଲାଲଙ୍କୁ ଗାନ୍ଧିଜୀ ବୁଝାଇଲେ ଅହିଂସା ଅସ୍ତ୍ର ପ୍ରତ୍ୟେକ ଅସ୍ତ୍ରଠାରୁ ବଳଶାଳୀ ଓ ଭୟଙ୍କର । ଭାରତର ପୂର୍ଣ୍ଣ ସ୍ୱାଧୀନତା ଗାନ୍ଧିଜୀଙ୍କ ଉପରେ ନ୍ୟସ୍ତ କରାଗଲା ।

ଗାନ୍ଧିଜୀ ପ୍ରଥମେ ଲବଣ କର ଉଠାଇ ନେବା ଓ ଲବଣ ଆଇନ ଭଙ୍ଗ ହିଁ ପୂର୍ଣ୍ଣ ସ୍ୱାଧୀନତା ପ୍ରାପ୍ତିର ପ୍ରଥମ ପାହାଚ, ତେଣୁ ଗାନ୍ଧିଜୀ ୧୯୩୦ ଖ୍ରୀଷ୍ଟାବ୍ଦ ଅପ୍ରେଲ ୬ ତାରିଖରେ ଦାଣ୍ଡିଠାରେ ଲୁଣ ମାରି ସରକାରଙ୍କ ଲବଣ ଆଇନକୁ ଅମାନ୍ୟ କଲେ । ଲବଣ ସତ୍ୟାଗ୍ରହ ବିରାଟ ରୂପ ଧାରଣ କଲା । ଗାନ୍ଧିଜୀଙ୍କୁ ୧୯୩୦ ମସିହା ମେ' ମାସ ୫ ତାରିଖରେ ଇଂରେଜ ସରକାର କାରାରୁଦ୍ଧ କଲେ । କୃଷକମାନଙ୍କ ଡାକରାରେ ଜବାହରଲାଲ କୃଷକମାନଙ୍କ ବୈଠକରେ ଯୋଗ ଦେଇ ସରକାରଙ୍କୁ ଖଜଣା ନ ଦେବାକୁ ଆହ୍ୱାନ କଲେ । ପୋଲିସ ତାଙ୍କୁ ଗିରଫ କରି ନୈନି ଜେଲକୁ ପଠାଇ ଦେଲେ । ବିଚାରରେ ଦୁଇ ବର୍ଷ ଜେଲ ଦଣ୍ଡ ଓ ଦୁଇଶତ ଟଙ୍କା ଜୋରିମାନା, ଏହା ଥିଲା ତାଙ୍କର ପଂଚମ ଜେଲଦଣ୍ଡ । ୧୯୩୦ ନଭେମ୍ବର ୧୪ ତାରିଖରେ ଜବାହାରଲାଲଙ୍କ ଜନ୍ମ ଦିବସରେ ସାରା ଭାରତରେ ସଭା ସମିତିରେ ତାଙ୍କର ଭାଷଣ ପଠନ କରାଗଲା । ଜବାହାର ଲାଲ ନୈନି ଜେଲରେ ଥିବା ସମୟରେ ମୋତିଲାଲ ଗିରଫ ହୋଇ ଉକ୍ତ ଜେଲରେ ରହିଲେ । ମୋତିଲାଲଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ତାଙ୍କୁ ମୁକ୍ତ କରିଦିଆଗଲା ।

କୃଷକମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବେତ୍ରାଘାତର ପ୍ରତିବାଦରେ ଜହରଲାଲ ଅନଶନ ଆରମ୍ଭ କରିଦେଲେ । ବେତ୍ରାଘାତ ସ୍ଥଗିତ ହେଲା । ୧୯୩୧ ମସିହା ଜାନୁୟାରୀ ମାସ ୨୬ ତାରିଖରେ ଜହରଲାଲ କାରାମୁକ୍ତ ହେଲେ । ଜାନୁଆରୀ ୨୭ ତାରିଖରୁ ସ୍ୱାଧୀନତା ଦିବସ ରୂପେ ସାରା ଭାରତରେ ପାଳନ କରାଗଲା । କମଳା ନେହେରୁ ଆନ୍ଦୋଳନରେ ଯୋଗଦେଇ ସ୍ୱାମୀଙ୍କ ପଥର ଯାତ୍ରୀ ହୋଇ ୧୯୩୧ ଖ୍ରୀଷ୍ଟାବ୍ଦରେ ବନ୍ଦୀ ହେଲେ । ମୋତିଲାଲ ନେହେରୁ ୧୯୩୧ ମସିହା ଅପ୍ରେଲ ଛଅ ତାରିଖରେ ଶେଷନିଃଶ୍ୱାସ ତ୍ୟାଗ କଲେ । ବିରାଟ ଶୋଭାଯାତ୍ରାରେ ଗଙ୍ଗାନଦୀ କୂଳରେ ମୋତିଲାଲଙ୍କ ମରଶରୀରକୁ ସଂସ୍କାର କରାଗଲା । ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ଓ ଅନ୍ୟାନ୍ୟ ନରସଂହାରକୁ ମନେପକାଇ ଅପ୍ରେଲ ୬ରୁ ୧୩ ତାରିଖ ଯାଏ ଜାତୀୟ ଦିବସ ପାଳନ କରାଗଲା । ମୋତିଲାଲଙ୍କ ପତ୍ନୀ ସ୍ୱରୂପାରାଣୀଙ୍କୁ ଇଂରେଜ ସିପାହୀ ଧକ୍କା ମାରି ତଳେ ପକାଇ ଦେବାରୁ ସେ ଆଘାତ ପାଇଲେ । ଏହି ଆଘାତ ଖବର ଭୁଲକ୍ରମେ ସ୍ୱରୂପାରାଣୀଙ୍କର ମୃତ୍ୟୁ ରୂପେ ପ୍ରଚାରିତ ହୋଇଯିବାରୁ ବିଭିନ୍ନ ସ୍ଥାନରେ ଦଙ୍ଗା ଆରମ୍ଭ ହୋଇଗଲା । ଜହରଲାଲ ଶେଷ ତାରିଖ ପୂର୍ବରୁ କାରାମୁକ୍ତ ହେଲେ । କମଳାଙ୍କ ମୃତ୍ୟୁ ପରେ ନେହେରୁ ଭାଙ୍ଗି ପଡିଲେ । ତେଣୁ ସେ ଇନ୍ଦିରା ଗାନ୍ଧୀଙ୍କୁ ଇଂଲଣ୍ଡର କ୍ରିଷ୍ଟଲ ବ୍ୟାଡମିଣ୍ଟନ ବିଦ୍ୟାଳୟରେ ପାଠ ପଢାଇଲେ । ଜାପାନ ଚାଇନା ଉପରେ ବୋମା ବର୍ଷଣ କରୁଥାଏ, କଂଗ୍ରେସର ପ୍ରତିନିଧି ରୂପେ ନେହେରୁ ଚୀନ ଗଲେ । ଚୀନର ତତ୍‌କାଳୀନ ଶାସକ ଓ ତାଙ୍କର ସ୍ତ୍ରୀ ତାଙ୍କୁ ବହୁତ ସମ୍ବର୍ଦ୍ଧନା ଦେଲେ । ଦ୍ୱିତୀୟ ମହାଯୁଦ୍ଧରେ ଇଂଲଣ୍ଡ ସରକାର କଂଗ୍ରେସର ସହାୟତା ଇଚ୍ଛା କରିବାରୁ କଂଗ୍ରେସ ସ୍ୱାଧୀନତା ଦାବୀ କଲା । ୧୯୪୨ ମସିହା ମାର୍ଚ୍ଚ ମାସରେ ଇନ୍ଦିରାଙ୍କ ବିବାହ ଫରାସି ଜାତିର ଫିରୋଜ ସହିତ ଆନନ୍ଦ ଭବନରେ ଅନୁଷ୍ଠିତ ହେଲା । ଦ୍ୱିତୀୟ ମହାଯୁଦ୍ଧରେ ଇଂଲଣ୍ଡର ଆର୍ଥିକ ସ୍ଥିତି ଦୋହଲିଗଲା । ତା' ପକ୍ଷେ ଭାରତକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡିଲା । ତେଣୁ ଇଂରେଜ ସରକାର ଭାରତରୁ ତଡାଖାଇ ଯିବା ଅପେକ୍ଷା ଭାରତକୁ ସ୍ୱାଧୀନତା ଦେବା କଥା ଚିନ୍ତାକଲେ । ତେଣୁ ୧୯୪୬ ମସିହାରେ ଭାରତରେ ସାଧାରଣ ଭୋଟ ଅନୁଷ୍ଠିତ ହେଲା । ଇଂରେଜ ମାନେ କୌଶଳରେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଗୃହ ଯୁଦ୍ଧ ଆରମ୍ଭ କରିଦେଲେ । ଏହି ଗୃହ ଯୁଦ୍ଧରେ ବହୁ ନରନାରୀ ଓ ଶିଶୁ ବଳି ପଡିଗଲେ । ଭାରତର ସ୍ୱାଧୀନତା ବ୍ରିଟିଶ ପାର୍ଲିଆମେଣ୍ଟରେ ମଂଜୁର ହୋଇଗଲା । ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ବିଭାଜିତ ହୋଇ ସ୍ୱାଧୀନତା ଲାଭ କଲା । ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ରୂପେ ଜବାହରଲାଲ ନେହେରୁ ଶପଥ ଗ୍ରହଣ କଲେ । ରାଷ୍ଟ୍ରର ଶାନ୍ତି ପାଇଁ ସେ ପଂଚଶୀଳ ନୀତିକୁ ଗ୍ରହଣ କରିଥିଲେ । ନିଜ ପରିବାରରେ ଚାଚା ଥାଆନ୍ତି, ଗାଁ ଗହଳିରେ କିଛି ଲୋକ ଥାଆନ୍ତି ଯାହାକୁ ସମସ୍ତେ ଭଲ ପାଆନ୍ତି ତାଙ୍କୁ ଚାଚା କହନ୍ତି । ଯାହାଙ୍କୁ ସାରା ଦେଶ ଭଲପାଏ ଓ ଚାଚା ବୋଲି ସମ୍ବୋଧନ କରନ୍ତି, ସେ ହେଉଛନ୍ତି ଚାଚା ନେହେରୁ । ୧୯୬୪ ମସିହା ମେ' ମାସ ୨୭ ତାରିଖରେ ଜବାହାରଲାଲଙ୍କ ଦେହାନ୍ତ ହୋଇଗଲା । ଦେଶ ପାଇଁ ତାଙ୍କର ମହାନ୍ ତ୍ୟାଗ, ଆଦର୍ଶ ଓ ସଂଗ୍ରାମ ଦେଶ ବାସୀଙ୍କ ହୃଦୟ ରାଜ୍ୟରେ ଅଦ୍ୟାବଧି ଅବିସ୍ମରଣୀୟ ହୋଇ ରହିଛି ଓ ଯୁଗ ଯୁଗକୁ ରହିଥିବ ।

***–ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡ଼େମି, ପାରାଦ୍ୱୀପ ଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର, ମୋ–୯୯୩୭୬୯୧୪୭୫***

# କଥାକୁହା ମାଟିର ନିଆରା ମଣିଷ



ମଣିଷ ଗଢା କାରଖାନାର ସେ ଶ୍ରେଷ୍ଠ ବିନ୍ଧାଣି । ଯିଏ ଅନ୍ଧାରକୁ ଅଭିଶାପ ନଦେଇ ଜାଳି ଦେଇଛନ୍ତି ଜ୍ଞାନର ଆଲୋକ । ଶିଖିଛନ୍ତି ଓ ଶିଖାଇଛନ୍ତି । ପଢିଛନ୍ତି ଓ ପଢାଇଛନ୍ତି ମଣିଷ ପଣିଆର ଗୁଣ । ଅନୁନ୍ନତ ଅଞ୍ଚଳକୁ ଉନ୍ନତ କରି ଗଢି ତୋଳଛନ୍ତି ସରସ ସୁନ୍ଦର ରୂପ ଦେଇ । ନିଃସହାୟ ମଣିଷର ସାଥୀ ଅସହାୟର ବନ୍ଧୁ ହୋଇ ଠିଆ ହୋଇଛନ୍ତି । ବିପଦ ଆପଦ ବେଳେ । କଲମକୁ କରିଛନ୍ତି ନିଜ ଜୀବନର ଚିରସାଥୀ । ସମ୍ବାଦ ପତ୍ରର ପୃଷ୍ଠା ଉପରେ ଲେଖି ଚାଲିଛନ୍ତି ଅବହେଳିତ ନିଷ୍ପେସିତ ମଣିଷର କଥା । ଅର୍ଥନୈତିକ ସାମାଜିକ ପରିବର୍ତ୍ତନ ସହିତ ଅସଜଡ଼ା ମଣିଷକୁ ସତ ପଥରେ ଚଲିବାକୁ ଦେଇଛନ୍ତି ପ୍ରେରଣା । ନିୟମିତ ନିରବଚ୍ଛିନ୍ନ ଭାବରେ ସମ୍ବାଦ ପତ୍ରରେ ଲେଖି ଚାଲିଛନ୍ତି । ସ୍ତମ୍ଭ । ସେହି ନିରହଂକାରୀ, ନିଷ୍ପାପର,ତ୍ୟାଗୀ ମଣିଷ ମା' ସାରଳାଙ୍କର ବରପୁତ୍ର ଆଉ କେହି ନୁହେଁ । ସେ ଆମ୍ଭ ମାନଙ୍କର ପ୍ରିୟ ଅଧ୍ୟାପକ ହିମାଂଶୁ ଶେଖର ଆଚାର୍ଯ୍ୟ । ପ୍ରକୃତରେ କଥାକୁହା ମାଟିର ନିଆରା ମଣିଷ ସେ ।

୧୩ ନଭେମ୍ବର ୧୯୬୦ ମସିହାରେ ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ବ୍ଲକ ଗରେଇ ପଞ୍ଚାୟତର ଲଥାଙ୍ଗ ଗ୍ରାମରେ ତାଙ୍କ ଜନ୍ମ । ପଣ୍ଡିତ ସୁଦର୍ଶନ ଆଚାର୍ଯ୍ୟ ଥିଲେ ତାଙ୍କ ପିତା । ଆଉ ରତ୍ନମାଳୀ ଦେବୀ ଥିଲେ ତାଙ୍କ ମାତା । ପିଲାଦିନୁ ପିତାମାତାଙ୍କର ତତ୍ତ୍ୱାବଧାନରେ ଗଢି ଉଠିଛି ତାଙ୍କ ବିଦ୍ୟାର୍ଥୀ ଜୀବନ । ପରିବାରର ଜ୍ଞାନ ମନ୍ଦିରରୁ ଓଡ଼ିଆ, ହିନ୍ଦି, ସଂସ୍କୃତ ଓ ଇଂରାଜୀ ଭାଷାରେ ଦକ୍ଷତା ଅର୍ଜନ କରିଛନ୍ତି । ତାଙ୍କ ପିତା ଜଣେ ଉଦାର ମନା, ଉଚ୍ଚ କୋଟିର ଜ୍ଞାନୀ ବ୍ୟକ୍ତି ଥିଲେ । ତାଙ୍କ ମନ ଭିତରେ ଉଚ୍ଚ ନୀଚ ଜାତିର ଭେଦଭାବ ନଥିଲା । ହିମାଂଶୁ ବାବୁ ପରିବାରରୁ ସମସ୍ତଙ୍କୁ ଭଲ ପାଇବାର ଗୁଣ ଶିଖିଛନ୍ତି । ଗ୍ରାମ୍ୟ ସ୍କୁଲରୁ ବାଲ୍ୟ କାଳର ଶିକ୍ଷା ସମାପ୍ତି କରି ଦାର୍ଦିଆ ପୋତାନଈ ହାଇସ୍କୁଲରୁ ମାଟ୍ରିକ୍ ପାସ କରିଛନ୍ତି । ତା ପରେ ପୁରୀ ସାମନ୍ତ ଚନ୍ଦ୍ର ଶେଖର କଲେଜ ଆଇ.ଏ ଓ ପରେ କେନ୍ଦ୍ରାପଡ଼ା କଲେଜରୁ ୧୯୮୦ ମସିହାରେ ବି.ଏ ପାସ କରିବାପରେ ବନାରସ ହିନ୍ଦୁ ବିଶ୍ୱ ବିଦ୍ୟାଳୟରୁ ଅର୍ଥ ଶାସ୍ତ୍ରରେ ଏମ୍.ଏ ରେ ପ୍ରଥମ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିଲେ । ଛାତ୍ର ଜୀବନରେ ସଭା ସମିତି, ସାଂସ୍କୃତିକ କାର୍ଯ୍ୟକ୍ରମରେ ସକ୍ରିୟ ଭାଗ ନେଉଥିଲେ । ତାଙ୍କ ଶବ୍ଦର ଯାଦୁଗରୀ, ଭାଷାର ମଧୁରତା ଓ ଉପସ୍ଥାପନା ଶୈଳୀ ସମସ୍ତଙ୍କୁ ବିମୁଗ୍ଧ କରେ । ସେ ଏଭଳି ଭାଷାରେ ଧୁରନ୍ଧର ଥିଲେ ଯେ, ବନାରସ ହିନ୍ଦୁ ବିଶ୍ୱ ବିଦ୍ୟାଳୟର ତାଙ୍କ ସହପାଠୀ ମାନେ ଭାବୁ ଥିଲେ ସେ ବୋଧ ହୁଏ ଏ ବାରାଣାସୀର ବାସିନ୍ଦା ।

ବିଦ୍ୟାର୍ଜନ ପରେ ଆରମ୍ଭ ହୋଇଥିଲା ତାଙ୍କ କର୍ମମୟ ଜୀବନ । ସେ ୧୯୮୪ ମସିହାରେ ପୁରୀ ଜିଲ୍ଲାର ନିମାପଡ଼ା ଅନ୍ତର୍ଗତ ଗୋପ ମହାବିଦ୍ୟାଳୟରେ ଅର୍ଥଶାସ୍ତ୍ରର ଅଧ୍ୟାପକ ରୂପେ ନିଯୁକ୍ତି ପାଇଥିଲେ । ପରେ ୧୯୮୫ ରୁ ରୁ ୨୦୦୯ ପର୍ଯ୍ୟନ୍ତ ସେ ଅର୍ଥଶାସ୍ତ୍ର ଅଧ୍ୟାପକ ରୂପେ ସାରଳା ମହାବିଦ୍ୟାଳୟରେ ଦାୟିତ୍ୱ ସମ୍ପର୍ଣ୍ଣ କରିଥିଲେ । ୨୦୧୦ ରୁ ୨୦୧୭ ପର୍ଯ୍ୟନ୍ତ ବାଲିକୁଦା ମହାବିଦ୍ୟାଳୟରେ ଅଧ୍ୟାପନା କରିଥିଲେ । ୨୦୧୭ ରୁ ୨୦୨୦ ପର୍ଯ୍ୟନ୍ତ ଆଦିକବି ସାରଳା ମହାବିଦ୍ୟାଳୟରେ କାର୍ଯ୍ୟ କରି ସେହି ବର୍ଷ ନଭେମ୍ବର ମାସ ୩୦ ତରିଖରେ ସେ ଅଧ୍ୟାପନା ରୁ ଅବସର ନେଇଛନ୍ତି ।

ହିମାଂଶୁ ବାବୁଙ୍କ ମହତ କାର୍ଯ୍ୟଗୁଡ଼ିକ ଜନସାଧାରଣ ହୃଦୟ କାନ୍ଥରେ ଅଲିଭା କାଳିରେ ଛାପି ହୋଇ ଯାଇଛି । ଯାହା କେବେ ଭୁଲିବାର ନୁହେଁ । ତାଙ୍କ ପ୍ରତିଭାକୁ ସ୍ୱୀତିକୁ ସମ୍ମାନ ଜଣାଇ ତ୍ରିଶାଖା ଗୁରୁକୁଳ ତାଙ୍କୁ "ମାଟିର ଗୌରବ" ପାଟକୁରା ସାରସ୍ୱତ ଅନୁଷ୍ଠାନ ତରଫରୁ ବାଗ୍ମୀରତ୍ନ, ବାଲିକୁଦାର ଜାଗ୍ରତ ଗୌରୀ ଅନୁଷ୍ଠାନ ପକ୍ଷରୁ ବାଗ୍ମୀ ଭୂଷଣ ଓ ରାହାମାର ମାଟିଘର ପକ୍ଷରୁ ମାଟିଘର ସମ୍ମାନ ଏବଂ ନାଟ୍ୟକାର ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦ ତରଫରୁ ଭାଷଣ ଭୁଷଣ ସମ୍ମାନରେ ସମ୍ମାନିତ କରାଯାଇଅଛି । ଓଡ଼ିଶା ଦୈନିକ ସମ୍ବାଦ ପତ୍ର ପ୍ରଜାତନ୍ତ୍ର ର ଫିଚର ସମ୍ମାନରେ ତାଙ୍କୁ ସମ୍ମାନିତ କରାଯଇଛି । ଏହା ଛଡ଼ା ଦୈନିକ 'ସାହାଣମେଳା' ତରଫରୁ ସେ ମଧ ସ୍ତମ୍ଭକାର ରୂପେ ସମ୍ମାନିତ ହୋଇଛନ୍ତି । ଜଣେ ଆଗଧାଡିର ଶିକ୍ଷକ ନେତା ଭାବେ ସେ ଜଗସିଂହପୁର ଜିଲ୍ଲାର ଶିକ୍ଷକ ସଂଘର ଜିଲ୍ଲା ସମ୍ପାଦକ ରୂପେ କାର୍ଯ୍ୟ ନିର୍ବାହ କରିଥିଲେ । ରାଜ୍ୟ କଲେଜ ଶିକ୍ଷକ ଓ କର୍ମଚାରୀ ସଂଘର ଯୁଗ୍ମ ସମ୍ପାଦକର ଗୁରୁ ଦାୟିତ୍ୱ ସୁଚାର ରୂପେ ସମ୍ପାଦନ କରିଥିଲେ ।

୨୦୦୯ରେ ପୂଜ୍ୟପୂଜାର ପରମ୍ପରା ଉଜ୍ଜୀବିତ କରିବା ପାଇଁ ଜଗସିଂହପୁର ସାରସ୍ୱତ ପରିସଦ ଗଠନ କରିଥିଲେ । ଆଦ୍ୟ ଅବଧି ସେ ତାହାର ପ୍ରତିଷ୍ଠାତା ସମ୍ପାଦକ ରୂପେ କାର୍ଯ୍ୟ ନିର୍ବାହ କରୁଛନ୍ତି । ଏହା ମାଧ୍ୟମରେ ଜନସଚେତନତା, ସାହିତ୍ୟର ପ୍ରସାର ପ୍ରଚାର ଓ ନୂତନ ପ୍ରତିଭାମାନ ସୃଷ୍ଟି କରାଯାଉଛି । ଗରିବ ଅସହାୟ ଲୋକମାନଙ୍କୁ ସମୟ ଅସମୟରେ ସାହାଯ୍ୟର ହାତ ବଢେଇ ଦେଇ ଦୁଃଖ କଷ୍ଟକୁ ଲାଘବ କରୁଛନ୍ତି ।

ଜଗତସିଂହପୁର ଜିଲ୍ଲା ତଥା ରାଜ୍ୟରେ ସୁପରିଚିତ । ନିଖିଳ ଉତ୍କଳ ବେସରକାରୀ କଲେଜ ଶିକ୍ଷକ ସଂଘ ଜଗତସିଂହପୁର ଶାଖାର ଜିଲ୍ଲା ସମ୍ପାଦକ, ରାଜ୍ୟ ବେସରକାରୀ କଲେଜ ଶିକ୍ଷକ ସଂଘର ଯୁଗ୍ମ ସମ୍ପାଦକ ଓ ସମ୍ପାଦକ ଭାବେ ବିଗତ ଦିନରେ ଗୁରୁ ଦାୟିତ୍ୱ ତୁଲାଇଛନ୍ତି । ସେହିପରି ଜଣେ ଅଗ୍ନିବର୍ଷୀ ବକ୍ତାଭାବେ ଜିଲ୍ଲା ତଥା ରାଜ୍ୟରେ ତାଙ୍କର ସୁନାମ ରହିଛି । ତାଙ୍କର ଶବ୍ଦ ସଂଯୋଜନା ଓ ଉପସ୍ଥାପନା ଶୈଳୀ ଅନନ୍ୟ ଓ ଅସାଧାରଣ ମୋଟାମୋଟି ଭାବେ କହିଲେ ଜଣେ ସୁବକ୍ତା ଓ ସୁଲେଖକ ଭାବେ ସେ ସର୍ବତ୍ର ପରିଚିତ ।

୨୦୦୯ ରେ ପୂଜ୍ୟପୂଜାର ପରମ୍ପରା ବଜାୟ ରଖିବାପାଇଁ ସେ ଜଗତସିଂହପରୁ ସାରସ୍ୱତ ପରିଷଦ ଗଠନ କରିଛନ୍ତି । ଅଦ୍ୟାବଧି ସେ ତାହାର ପ୍ରତିଷ୍ଠାତା ସଭାପତି ରୂପେ କାର୍ଯ୍ୟ ନିର୍ବାହ କରୁଛନ୍ତି । ପୂଜ୍ୟପୂଜାର ଏକ ନିଆର ଉଦାହରଣ ସୃଷ୍ଟି କରିଛନ୍ତି ସେ । ଏହା ମାଧ୍ୟମରେ ଜନସଚେତନତା, ସାହିତ୍ୟର ପ୍ରସାର ପ୍ରଚାର ଓ ନୂତନ ପ୍ରତିଭାମାନ ସୃଷ୍ଟି କରାଯାଉଛି । ବିଶେଷ କରି ବରପୁତ୍ରମାନଙ୍କର ଜୟନ୍ତୀ ଓ ଶ୍ରାଦ୍ଧ କରାଯିବା ସହ ଉତ୍ତର ପିଢିଙ୍କ ପାଇଁ ଏକ ନୂତନ ସନ୍ଦେଶ ପ୍ରଦାନ କରିଛନ୍ତି । ଖରା, ବର୍ଷା,ଶୀତକୁ ଖାତିର ନକରି ସେ ନିରନ୍ତର ଏହି କାର୍ଯ୍ୟ କରି ଆସୁଛନ୍ତି । ଏହାହିଁ ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ । ଏହି ବର୍ଷ ୨୦୨୧ ରେ ତାଙ୍କୁ ଶ୍ୱେତ ସଙ୍କେତ ର ସ୍ତମ୍ଭକାର ପୁରସ୍କାରରେ ପୁରସ୍କୃତ କରି ତାଙ୍କ ଜ୍ଞାନ ଗାରିମାର ଉପଯୁକ୍ତ ସମ୍ମାନ ଦେଇଛନ୍ତି ।

ଜଣେ ବିଶିଷ୍ଟ ଶିକ୍ଷାବିତ୍, ସାମାଜିକ ଓ ସାଂସ୍କୃତିକ ସଂଗଠକ, ଏବଂ ସୁସାହିତ୍ୟିକ ରୂପେ ସାରା ଓଡ଼ିଶାର ଲୋକମାନଙ୍କର ଅତି ପ୍ରିୟ ବ୍ୟକ୍ତି ହେଉଛନ୍ତି ହିମାଂଶୁ ବାବୁ । ତାଙ୍କର ୬୧ ତମ ଜନ୍ମ ଦିବସ ପାଳନର ଅବସରରେ ତାଙ୍କ ସୁଦୀର୍ଘ ଓ ନିରାମୟ ଜୀବନର ଶୁଭ କାମନା କରୁଛି । ଭଗବାନଙ୍କୁ ପ୍ରାର୍ଥନା କରୁଛି ତାଙ୍କର ଲେଖନୀ ସଦା ସର୍ବଦା ଚଳଚଞ୍ଚଳ ରହୁ ।

**ଅକ୍ଷୟ ପଣ୍ଡା, ଆଳି, କେନ୍ଦ୍ରାପଡା, ମୋ-୯୩୩୭୪୯୨୩୦୭**

# 'ନାହିଁ ମୋହର ବିପ୍ରବର୍ଣ୍ଣେ ଆଶା...'



'ଅଖିଳ ବ୍ରହ୍ମାଣ୍ଡପତି ଆହେ ଦୀନବନ୍ଧୁ, ପତିତଜନପାବନ ଆହେ ଜଗବନ୍ଧୁ, ଆଦ୍ୟମାର୍ଗଶିର ମାସର ଶୀତ, ଶ୍ରୀକୃଷ୍ଣ ଜାଣନ୍ତି ରାଧିକା ଚିତ୍ତ, ଦୁଃଖୀର ଜୀବନ ଦୁଖିସଙ୍ଗାତ, କାହୁଁ ଆଣିଦେବି କମଳାକାନ୍ତ ମୋ କାହ୍ନୁରେ' ଏହି ବିଲକ୍ଷଣ କବିତାର ପ୍ରାଣସ୍ରଷ୍ଟା ଥିଲେ ପଞ୍ଚସଖା ଅଚ୍ୟୁତାନନ୍ଦ । ଷୋଡ଼ଶ ଶତାବ୍ଦୀର ଓଡ଼ିଶା ତା'ର କଳା, ସାହିତ୍ୟ ଓ ସାଂସ୍କୃତିକ ସନନ୍ଦକୁ ପୂର୍ଣ୍ଣତ ଅନ୍ଧାରରୁ ଆଲୋକକୁ ଆଣିପାରିନାହିଁ କହିବା ଯଦିଓ ଅପ୍ରାସଙ୍ଗିକ ମନେହୁଏ, ତେବେ ଏହି ଶତାବ୍ଦୀଟି ଆମ ସାଂସ୍କୃତିକ ଜୀବନ ଧାରାର ଏକ ସନ୍ଧିକାଳ ଥିଲା । ଅଚ୍ୟୁତାନନ୍ଦ ଜଗନ୍ନାଥ, ବଳରାମ ଆଦି କୃତକର୍ମା ଆଧ୍ୟାତ୍ମିକ ସାହିତ୍ୟିକମାନଙ୍କ ଏହି ସନ୍ଧିକାଳରେ ଅଭ୍ୟୁଦୟ ଘଟିଥିଲା । ସାଧକଶିଳ୍ପୀ ଅଚ୍ୟୁତାନନ୍ଦ ଦାସ ଖ୍ରୀଷ୍ଟିୟ ଶୋଷଡ଼ ଶତାବ୍ଦୀର ଉତ୍କଳର ଆରାଧ୍ୟ ଦେବତା ଜଗନ୍ନାଥ ତଥା ତାଙ୍କ ଅନ୍ତରଙ୍ଗ ସ୍ୱରୂପ ଏବଂ ନିଜ ଗୁରୁ ପରମ୍ପରା ସମ୍ବନ୍ଧରେ ନିଜସ୍ୱ ଗ୍ରନ୍ଥଗୁଡ଼ିକରେ ବହୁ ପ୍ରାମାଣିକ ତଥ୍ୟ ରଖିଯାଇଛନ୍ତି । ତାଙ୍କର 'ବର୍ଣ୍ଣ ସଂହିତା'ରେ ବର୍ଣ୍ଣନା ଅନୁଯାୟୀ 'ନାହିଁ ମୋହର ବିପ୍ରବର୍ଣ୍ଣେ ଆଶା, କ୍ଷତ୍ରିୟ ବଶ୍ୟରେ ନାହିଁ ଭରସା, ଶୂଦ୍ୟ ବର୍ଣ୍ଣରେ ସେବାପ୍ରାପ୍ତ ହୋଇଏ, ଅହଂକାର ନାହିଁ ଶୂଦ୍ରର ଦେହେ' । ତାଙ୍କ ପିତାମହଙ୍କ ଦେହାନ୍ତ ପରେ ଅଚ୍ୟୁତଙ୍କ ପିତା ଦୀନବନ୍ଧୁ ମହାରାଜା ପ୍ରତାପରୁଦ୍ରଙ୍କ କୃପାଲାଭ କଲାବେଳକୁ ତାଙଙ୍କ ପରିବାର ଦାରିଦ୍ର୍ୟ ନିପୀଡ଼ିତ ହୋଇସାରିଥିଲେ । ବୈଷ୍ଣବୀୟ ନମ୍ରତା ବା ଦାସ୍ୟଭାବର ମୂର୍ତ୍ତିମନ୍ତ ପ୍ରତୀକ ଦୀନ ଅଚ୍ୟୁତ ଏକ ରାଜବଂଶରେ ପାଣିଗ୍ରହଣ କରିଥିଲେ । ବୈଷ୍ଣବ କବି ଯଶୋବନ୍ତ ଦାସଙ୍କ ପରିବାରରେ ବୈବାହିକ ସମ୍ପର୍କ କାଳକ୍ରମେ ଯୋଡ଼ି ହୋଇଥିଲା । ସଂସାରବିରାଗୀ ଅଚ୍ୟୁତାନନ୍ଦଙ୍କୁ ସଂସାରୀ ହେବାକୁ ଯଶୋବନ୍ତ ହିଁ ପ୍ରବର୍ତ୍ତାଇଥିଲେ । ଷୋଡ଼ଶ ଶତାବ୍ଦୀର ପ୍ରଥମ ପାଦରେ ଏମାନେ ସାହିତ୍ୟ କ୍ଷେତ୍ରରେ ଯଶସ୍ୱୀ ପଦାଙ୍କ ଅଙ୍କନ କଲାପରେ ମହାପ୍ରଭୁ ଶ୍ରୀ ଚୈତନ୍ୟଙ୍କ ଓଡ଼ିଶାରେ ଆବିର୍ଭାବ ଘଟି ସାରିଥିଲା । ବାସ୍ତବିକ୍ ଧାର୍ମିକ ଚିତ୍ତବୃତ୍ତି ଓ ଉତ୍କଳୀୟ ଭାବଧାରାରେ ଏମାନେ ଅଭିନ୍ନ ହେଲେ ବି ନିଜ ନିଜ ଭିତରେ ସ୍ୱତନ୍ତ୍ରତା ପ୍ରକାଶ କରିଛନ୍ତି । ଚୈତନ୍ୟଙ୍କ ପାଣ୍ଡିତ୍ୟ ତାଙ୍କୁ ମୁଗ୍ଧ କରିବାରୁ ଅଚ୍ୟୁତାନନ୍ଦ ତାଙ୍କ ଶିଷ୍ୟତ୍ୱ ସ୍ୱୀକାର କରିଥିଲେ । ସେ ଭବିଷ୍ୟତ ମାଳିକା ରଚନା କରି ତାଙ୍କ ଦିବ୍ୟଦୃଷ୍ଟିରେ ଦେଖିଥିବା ସମଗ୍ର ବରଣଚରିତ ଗୀତାଟିର ଗୁରୁ ଅଚ୍ୟୁତାନନ୍ଦ ଓ ଶିଷ୍ୟ ରାମଚନ୍ଦ୍ର ଦାସଙ୍କ ବାର୍ତ୍ତାଳାପ ରୀତିରେ ରଚିତ ହୋଇଛି । ରାହାସ କୀର୍ତ୍ତନର ଆଦ୍ୟ ପୁରୋଧା ଅଚ୍ୟୁତାନନ୍ଦ ନିଜ ଭାଷାରେ ବର୍ଣ୍ଣନା କରିଛନ୍ତି–''ବସନ୍ତ ରାହାସ ନୀଳା ଉତ୍ସବ କରିବା, ଗୋପାଳ ପୁଅଙ୍କୁ ଯେହ୍ନେ ବରଣ କରିବା ।'' ଅଚ୍ୟୁତାନନ୍ଦଙ୍କ ରାସଗୁରୁ ଥିଲେ ଭାଗବତକାର ଜଗନ୍ନାଥ ଦାସ । ଅଚ୍ୟୁତାନନ୍ଦ ତାଙ୍କର ସଭାବସିଦ୍ଧ ଶୈଳୀରେ ନିଜ ବଂଶାନୁଚରିତ ଭବିଷ୍ୟତ ଭାରତର ସ୍ୱରୂପ, ଧାର୍ମିକ ତଥା ନୈତିକ ଜୀବନର ଅଧୋପତନଧର୍ମୀ ସୂଚନା ଆଧ୍ୟାତ୍ମିକମୟ ସାରସ୍ୱତ ଭାଷାରେ ବର୍ଣ୍ଣନା କରିଯାଇଛନ୍ତି । ସାମାଜିକ ସତର୍କବାଣୀ ଶୁଣାଇ ଭବିଷ୍ୟତପ୍ରତି ସଚେତନ ହେବାକୁ କହିଯାଇଛନ୍ତି । ତାଙ୍କ ଭିନ୍ନସ୍ୱାଦର ଦୀର୍ଘ କବିତା 'ନିଶି ଅବକାଶ' ବେଶ୍ ଲୋକପ୍ରିୟ । ଧର୍ମାଦର୍ଶ ଦୃଷ୍ଟିରୁ ଓ ମହାନ୍ ଭାବାବେଗର ଅମୃତ ଚିନ୍ତନ ଦୃଷ୍ଟିରୁ ଶହ ଶହ ବର୍ଷ ପରେ ଓଡ଼ିଶାର ପୁରପଲ୍ଲୀରେ ଜନସାଧାରଣ ଅଚ୍ୟୁତାନନ୍ଦଙ୍କ ରଚନାବଳିକୁ ଭାବବିହ୍ୱଳ କଣ୍ଠରେ ଆବୃତ୍ତି କରିଆସୁଛନ୍ତି ।




## ରମ୍ୟରଚନା ସଂକ୍ରାନ୍ତି ତିଥି ବନାମ ମାଟି ହାଣ୍ଡି ବିରିୟାନି


ମାଧବ ଚନ୍ଦ୍ର ସ୍ୱାଇଁ

ମର୍କଟିଆ ନଗର ରେ ଆମ ପରିବାର ପରି ଉଣେଇଶ

ମସିହାରୁ ଷଣ୍ଢ ପରିବାର ଗଠନ କରା ଯାଇଛି । ବିଭିର୍ଣ

ଉନ୍ନୟନ ମୂଳକ କାମ ସାଙ୍ଗକୁ ସମସ୍ୟା ଓ ଲଘୁ ଆଲୋଚ଼ନା ଏହାର ମୂଳ ଲକ୍ଷ୍ୟ। ପ୍ରତି ବୁଧ ଶୁକ୍ର ରବି ବାରରେ ସଭାପତି ସିମେଇ ସାର ଙ୍କ ମାର୍ଫତ୍ ରେ ଅଣ୍ଡା ରୋଲ ,ଚ଼ିକେନ ,ମର୍ଟନ ଆଦି ହୁଏ ।ସଦସ୍ୟ ମାନେ ଭୁରି ଭୋଜନ କରି ପୃଷ୍ଟପୋଷକ ଅମୀରଦା ଙ୍କର ପ୍ରଶଂସା କରିବା ସହ ସାର ଙ୍କର ଗୁଣ ଗାନ କରିବାକୁ ଭୁଲନ୍ତି ନାହିଁ।

ବେଳେ ବେଳେ ବରିଷ୍ଠ ସଦସ୍ୟଙ୍କ ମଧ୍ୟରୁ ଜଣେ ଜଣେ ଭୋଜିର ଦାୟିତ୍ୱ ତୁଲାଇ ଥାନ୍ତି ।ସେମାନଙ୍କ ମଧ୍ୟରୁ ବିକଳି ସ୍ୱାଇଁ ଅନ୍ୟତମ ।ସେ ଖାଇବାରେ ଜମାରୁ ହେଳା କରନ୍ତି ନାହିଁ ।ତାଙ୍କର ଖାଇବା ମେସିନ ଟା କୁଆଡେ କିଲୋସ୍କର୍ ମେସିନ ପରି ।ଯେ ତେ ଦେଲେ ମନା କରନ୍ତି ନାହିଁ ।ସେଥି ପା ଇଁ ଶିକାରୀ ଦାସ ସବୁବେଳେ ଥଟ୍ଟା କରନ୍ତି ।ତାଙ୍କ ସହିତ ତାଳ ରେ ତାଳ ମିଳେଇ ଖାପୁନି ଓ ମର୍ଦଳ ଦାସ ଆସରକୁ ରଙ୍ଗୀନ କରିଦିଅନ୍ତି । କିନ୍ତୁ ଭୋଜି ଚ଼ାନ୍ଦା ଡ ?ବବେଳକୁ ସେ ବଲ ଟି ଗଜନୀ ଦାସ ଙ୍କ ଆଡକୁ ଗ ଡା ଇ ଦିଅନ୍ତି । ଗଜନୀ ଦାସ ତାଙ୍କ ବିକଳିଆ ମୁହଁକୁ ଦେଖି କହି ଦିଅନ୍ତି ,ମୁଁ କହିଲେ ତୁମେ ଦେବ ।ଏତିକିରେ ବିକଳି ସ୍ୱାଇଁ ହାଲୁକା ହୋଇ ଯାଆନ୍ତି । ସେ ଦିନ ରବିବାର ଥାଏ ।ଗଜନୀ ଦାସ ନାତି ଜନ୍ମ ଦିନରେ ବାହାରକୁ ଯାଇ ଥାଆନ୍ତି ।ସିମେଇ ସାର ବଥ ହୋଇଛି କହି ଘରେ ଆତ୍ମ ଗୋପନ କଲେ ।ଅନ୍ୟ ସଦସ୍ୟ ଯଥା ମିଷ୍ଟର ଜେ କେ ,ଲୁଲୁ ଶିକାରୀ ଦାସ ଙ୍କୁ ସୁବିଧା ଜୁଟିଗଲା ବିକଳି ସ୍ୱାଇଁ ଙ୍କ ଠାରୁ ମଣିଆ ଝଡ ?ଇବା ପା ଇଁ ତହୁଁ ବିକଳି ସ୍ୱାଇଁ ଏକ୍ କୌଶଳ ଅବଲମ୍ବନ କରି ,କହିଲେ ଆଜି ସଂକ୍ରାନ୍ତି ତିଥି ।ଆଇଁଷ ଖାଇବା ନିଷେଧ ।ସଂଗେ ସଂଗେ

ମିଷ୍ଟର ଜେ କେ ( ଜଘନ୍ୟ କଳାକାର) ମୋବାଇଲ ରୁ ପଞ୍ଜିକା ପଢ଼ି କହିଲେ ସଂକ୍ରାନ୍ତି ସୂର୍ଯ୍ୟ ଉଦୟ ଠାରୁ ସୂର୍ଯ୍ୟ ଅସ୍ତ ପର୍ଯ୍ୟନ୍ତ ରହିବ ।ତାପରେ ନୁହେଁ ।ଆମିଷ ଖାଇଲେ କ୍ଷତି ନୁହେଁ। ମାତ୍ର ବିକଳି ସ୍ୱାଇଁ ନ ଛୋଡ ବନ୍ଧା ।ସେ ମାଟି ହାଣ୍ଡି ବିରିୟାନି ଖାଇବେ ନାହିଁ ।ତହୁଁ ପୃଷ୍ଠପୋଷକ ଅମୀର ଦା କହିଲେ ଆଜି ମୁଁ ଟଙ୍କା ଦେଉଛି ।ଲାଲୁ ଖାପୁନି ଯାଇ ମାଟି ହାଣ୍ଡି ବିରିୟାନି ଆଣିବେ ।ବିକଳି ଭାଇ ତୁମେ ଖାଇବ ।ନ ଖାଇଲେ ତୁମ ଭୋଜି ମୁଁ ଖାଇବି ନାହିଁ ।ଧର୍ମ ଶଙ୍କଟ ରେ ପଡ଼ିଲେ ବିକଳି ସ୍ୱାଇଁ ।ଭିଡି ମୋଡି ହୋଇ ସମ୍ମତି ଜଣାଇ ହଁ କଲେ , ବିରିୟାନି ଖାଇବା ପାଇଁ ।

ଲାଲୁ ଓ ଖାପୁନି ବୀର ଦର୍ପରେ ଧରି ଆସିଲେ,ସାଦା, ଚ଼ିକେନ ଓ ମାଟି ହାଣ୍ଡି ବିରିୟାନି । ସମୂହ ପଙ୍ଗତ୍ ଚ଼ାଲିଲା। ବିକଳି ସ୍ୱାଇଁ ବିରିୟାନି ଚ଼ିକେନ ସାଦା ତରକାରୀ ର ମଜା ନେଲେ ।ଏତିକି ବେଳେ ମିଷ୍ଟର ଜେକେ ଘୋଷଣା କଲେ ,ସଂକ୍ରା ତି ବିଷୟରେ ଦୁଇ ଧାଡି ଛାଡ଼ି ଯାଇଛି ।ତାହାହେଲା କନ୍ୟା ମିଥୁନ ରାଶି ବ୍ୟକ୍ତି ଆମିଷ ଖାଇଲେ ମହା ଦୋଷ ।ବିକଳି ସ୍ୱାଇଁ କରିବେ କଣ ? ,ଢ଼ୋକି ଦେଇଛନ୍ତି ଲୋଭରେ । ଏତିକି ବେଳେ ଅମୀର ଦା ପଚ଼ାରିଲେ,ଭାଉଜ ଭାରି ଧର୍ମ ପରାୟଣ। ମହିଳା ।ସେ ଯଦି ତୁମର ଏମଂତ୍ କାରନାମା ଶୁଣିବେ ତେବେ କଣ କରିବେ ।ବିକଳି ସ୍ୱାଇଁ ଆଇସ୍ କ୍ରିମ୍ ଦେଖାଇ କହିଲେ ଯାକୁ ଖାଇ ଦେଲେ ପାଟି ତଣ୍ଟି ସବୁ ସଫା ହୋଇଯିବ। ସାବୁନ ରେ ଭଲ କରି ମୁହଁ ହାତ ଧୋଇ ଦେଲେ ଗଲା। ସମସ୍ତେ ନିଜ ନିଜ ଘରକୁ ଗଲେ। ବିକଳି ସ୍ୱାଇଁ ଘରକୁ ଯାଇ ଆରମ୍ଭ କରିଦେଲେ କରୋନା ସଂକ୍ରମଣ ବଢ଼ି ଗଲାଣି ।ଏଣିକି ସାମାଜିକ ଦୂରତ୍ୱ ମେଣ୍ଟେନ କରିବାକୁ ହେବ। ଶ୍ରୀମତୀ ଆଶ୍ଚର୍ଯ୍ୟ ହୋଇ ପଚ଼ାରିଲେ କଣ ଖାଇଲ ନ କହି କୋଭିଡ଼ ଉପରେ ପ୍ରବଚ଼ନ କାହିଁକି ? ତହୁଁ ବିକଳି ବାବୁ କହିଲେ ବିନା ପିଆଜ ରସୁଣ ତରକାରୀ ସାଙ୍ଗକୁ ଠୁଙ୍କା ପୁରି ।ନାଦି ଦେଇ ଗଲି । ତହୁଁ ଶ୍ରୀମତୀ କହିଲେ ଆଗକୁ କାର୍ତ୍ତିକ ମାସ। ଆଁଇଁଷ୍ କୁ ମନ କରିବନି । ଏହା ଶୁଣି ସାରିଲା ପରେ ବିକଳି ସ୍ୱାଇଁ ଶୋଇ ପଡ଼ିଲେ। ସକାଳୁ ଉଠି ଗତ ସଂକ୍ରା ତି ରାତି ର ମାଟି ହାଣ୍ଡି ବିରିୟାନି କଥା ମନେ ପକାଇ ବହେ ହସିଲେ।

ମୋ - ୯୩୩୮୯୭୯୭୪

## ବ୍ୟଙ୍ଗଗଳ୍ପ ୟେସ୍ ସାର୍ !


ରାଧାଶ୍ୟାମ ରାଉଳ

ପି.ଏ. ମନ୍ତ୍ରୀ ମହାଶୟଙ୍କ ପାଖକୁ ଯାଇ ନମ୍ର ସ୍ୱରରେ କହିଲେ, 'ସାର୍, ଆପଣଙ୍କ ନିର୍ବାଚ଼ନମଣ୍ଡଳୀରୁ, କିଛିଲୋକ ସକାଳ ପାଖରୁ ଆସି ବାହାରେ ଅପେକ୍ଷା କରିଛନ୍ତି । ଆପଣଙ୍କ ପାଖରେ ସେମାନଙ୍କର ଗୁହାରି ଯେ, ବନ୍ୟାରେ ସେମାନଙ୍କର ଘରଦ୍ୱାର ଗୋରୁଗାଈ, ଧନସମ୍ପତ୍ତି ଇତ୍ୟାଦି ନଷ୍ଟ ହୋଇ ଯାଇଛି । ରିଲିଫ୍ ଏପର୍ଯ୍ୟନ୍ତ ସେମାନଙ୍କ ଅଞ୍ଚଳକୁ ଯାଇପାରି ନାହିଁ । ଆପଣଙ୍କୁ ଭେଟିବାକୁ ସେମାନେ ଚ଼ାହୁଁଛନ୍ତି ।'

ମନ୍ତ୍ରୀ ମହାଶୟ ତୁଳିତଳ୍ପ ଶଯ୍ୟାରେ ଅଳସ ଭାଙ୍ଗୁଭାଙ୍ଗୁ ନବାବୀ ଶୈଳୀରେ କହିଲେ, 'ହଁ ଯାଇ ସେମାନଙ୍କୁ କହିଦିଅ, ସାର୍ ଫୁଲ୍ ବିଜି ଅଛନ୍ତି । ଏବେ ଦେଖା କରିବା ସମ୍ଭବ ନୁହେଁ ।'

'ତେବେ ସାର୍, ଆପଣ ଅନୁମତି ଦେଲେ ଗୋଦାମଘରୁ ସେମାନଙ୍କୁ କିଛି କିଛି ରିଲିଫ୍ ସାମଗ୍ରୀ ଦେବାର ବ୍ୟବସ୍ଥା ମୁଁ କରି ଦିଅନ୍ତି । ସେମାନେ ଭୋକ,ଉପାସରେ ବହୁତ ବିକଳିଆ ଦିଶୁଛନ୍ତି । ଠେଲିଦେଲେ ପଡ଼ିଯିବେ, ଫୁଙ୍କିଦେଲେ ଉଡ଼ିଯିବେ, ଆଜ୍ଞା !' ପି.ଏ. ଏକା ନିଃଶ୍ୱାସରେ ଏକଥା କହିଲେ ।

ମନ୍ତ୍ରୀ ମହାଶୟ ପି.ଏ. ଉପରେ କ୍ଷୁବ୍ଧ ହୋଇ କହିଲେ, 'ମୋ ପାଖରେ ଦୀର୍ଘ ପାଞ୍ଚବର୍ଷ ରହି ମଧ୍ୟ ତୁମର ଅକଲ ଉଦୟ ହୋଇ ପାରିଲାନାହିଁ । ଦାନୀ ହରିଶ୍ଚନ୍ଦ୍ର ହେବାକୁ ବୃଥା ଚେଷ୍ଟା କରନାହିଁ । ଜାଣି ରଖ, ସେମାନେ ମୋ ନିର୍ବାଚ଼ନ ମଣ୍ଡଳୀର ଲୋକ ହୋଇ ପାରନ୍ତି, ହେଲେ ଆମ ଦଳର ଲୋକ ନୁହେଁ ।'

ଅତ୍ୟନ୍ତ ଧୀରଭାବରେ ପି.ଏ. କହିଲେ, 'ସାର୍ ସର୍ବୋପରି ସେମାନେ ବନ୍ୟାଦୁର୍ଗତ ଲୋକ । ଏଠି ଦଳର ପ୍ରଶ୍ନ ଉଠୁଛି କେଉଁଠି ? ତାଛଡା ସରକାରଙ୍କର ଏ ରିଲିଫ୍ ସାମଗ୍ରୀ ତ କେବଳ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ।'

ମନ୍ତ୍ରୀ ମହାଶୟଙ୍କର ରାଗ ପଞ୍ଚମ ସ୍ତରରେ ପହଞ୍ଚିଯିବାରୁ ଗର୍ଜି ଉଠି କହିଲେ,'ଓଃ ୟୁ ସଟ୍ଅପ୍ । ସରକାରୀ ରିଲିଫ୍ କେଉଁମାନେ ପାଇବା ହକଦାର୍ ଆଉ କେଉଁମାନେ ନୁହେ; ସେସବୁର ନିର୍ଣ୍ଣୟ ମୁଁ କରିବି, ତୁମେ ନୁହଁ । ହଁ ଶୁଣ, ଆସନ୍ତାକାଲି କେନ୍ଦ୍ରରୁ ପର୍ଯ୍ୟବେକ୍ଷକମାନେ ବନ୍ୟାଞ୍ଚଳ ପରିଦର୍ଶନରେ ଆସୁଛନ୍ତି । ସେମାନଙ୍କ ସହ ମୁଁ ହେଲିକେପ୍ଟରରେ ବନ୍ୟାଞ୍ଚଳ ବୁଲିଯିବି । ଆମ ଦଳର କର୍ମୀମାନେ ମୋ ନିର୍ବାଚ଼ନମଣ୍ଡଳୀରୁ ରିଲିଫ୍ ସାମଗ୍ରୀ ନେବାକୁ ଗାଡ଼ି ନେଇଆସିବେ । କିଛି ଝାମେଲା ଝିଂଝଟ ନକରି ନିର୍ବିଘ୍ନରେ ସେମାନଙ୍କୁ ଗୋଦାମଘର ଚ଼ାବି ହସ୍ତାନ୍ତର କରିଦେବ । ଡ୍ୟୁଟିରେ ଖିଲାପ କଲେ, ଆଇ ଉଇଲ୍ ସସ୍ପେଣ୍ଡ୍ ୟୁ । ଡିଡ୍ ୟୁ ଅଣ୍ଡରଷ୍ଟାଣ୍ଡ୍ ?'

ନିଜଭିତରେ ମୁଣ୍ଡ ଟେକୁଥିବା କ୍ରୋଧକୁ ଚ଼ାପିରଖି ଉପରଠାଉରିଆ ଆନୁଗତ୍ୟ ଦେଖେଇ ପି.ଏ. କହିଲେ, 'ୟେସ୍ ସାର୍ !'

ଡୁ୍ୟପ୍ଲେକ୍ସ: ୧୦/ବି
ବୀମାବିହାର, ମର୍କତ ନଗର
ସେକ୍ଟର:୬,
କଟକ - ୭୫୩୦୧୪
ମୋ - ୯୪୩୭୦୯୦୯୮୫

## ଜଣେ ଶିଶୁ ପ୍ରତିଭାଙ୍କ କାହାଣୀ : ସୈୟଦ ଅରମାନ

ଶିଶୁ ହସିଲେ ଦୁନିଆ ହସିବ, ଆଜିର ଶିଶୁ କାଲିର ନାଗରିକ ନ୍ୟାୟରେ ଆମ ଶିକ୍ଷିତ ସମାଜ ଶିଶୁମାନଙ୍କୁ ସର୍ବାଙ୍ଗ ଉନ୍ନତି ଉପରେ ଧ୍ୟାନ ଦେବା ଜରୁରୀ । ନିଜର ଶିକ୍ଷା,କଳାସାଧନା ଆଦିରେ ଆଗ୍ରହ ରଖି ଅଧୁନା ପ୍ରତିଯୋଗୀମୂଳକ ସମୟରେ ଖୁବ୍ କୀର୍ତୀ ଅର୍ଜନ କରି ଛାତ୍ର ସମାଜରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି ସୈୟଦ ଅରମାନ । ପିତା ବରିଷ୍ଠ ସାମ୍ବାଦିକ ସୈୟଦ ସାଜିଦ ଅଲ୍ଲି ଓ ମାତା ଔବକାରୁନ ନିଶା ବେଗମଙ୍କ କୋଳ ମଣ୍ଡନ କରି କଟକ ସଦର ବ୍ଲକ ଉପକଣ୍ଠ କିଶନନଗର ଗ୍ରାମରେ ଜନ୍ମ ନିଯନ୍ତି ୨୦୧୧ ମସିହାରେ । ଦଶ ବର୍ଷ ବୟସର ପିଲାଟିର ପାଠ ପଢ଼ା ପ୍ରତି ଯେମିତି ଆଗ୍ରହ ଠିକ ସେମିତି ଚିତ୍ରକଳା, ପ୍ରବନ୍ଧ ଲିଖିତ, ବକ୍ତୃତା, କ୍ରୀଡା ଆଦି ଅନେକ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳ ହେବା ସହ ଅରମାନ ପଢୁଥିବା କିଶନନଗର ଡିଏଭି ଇଣ୍ଟରନ୍ୟାସନାଲ ପବ୍ଲିକ ସ୍କୁଲ ତଥା ସଦର ମାଟିର ଗର୍ବ ଗୌରବକୁ ସୁଦୂର ପ୍ରସାରି କରିଚାଲିଛନ୍ତି । ଅରମାନ ଆଜି ନିଖୁଣ ଭାବରେ ଯେ କୌଣସି ଚିତ୍ର ଆଙ୍କି ଚିତ୍ରକଳା ପ୍ରତି ନିଜର ଆଗ୍ରହ ପ୍ରଦର୍ଶନ ଜାହିର କରିପାରିଛି । ଯେକୌଣସି ମହାପୁରୁଷଙ୍କ ଫଟୋ ଚିତ୍ର ହେଉ କି ଆଉ କାହାର ଫୋଟୋଚିତ୍ର ବା କୌଣସି ପ୍ରାକୃତିକ ସୌନ୍ଦର୍ଯ୍ୟ କୁ ନିଜର କୌଶଳ ଆଉ ତୂଳୀ ମାଧ୍ୟମରେ ଏହାର ବାସ୍ତବତା ଯାହାକି ଦର୍ଶକ ମାନଙ୍କୁ ଖୁବ୍ ଆକର୍ଷଣ ଆଉ ମୁଗ୍ଧ କରିପାରିଛି । କରୋନା ମହାମାରୀ ସମୟରେ ସ୍କୁଲ ବନ୍ଦ ଥିବାରୁ ସେ ଘରେ ସ୍କୁଲର ପାଠପଢା ସହ ଚିତ୍ରାଙ୍କନ, ଅନଲାଇନରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା, ସ୍କୁଲରେ କ୍ରୀଡା ବକ୍ତୃତା ଆଦି ପ୍ରତିଯୋଗିତା, ଶ୍ରେଣୀ ପ୍ରମୋସନ ପରୀକ୍ଷାରେ ସଫଳ ହେବାସହ ତୃତୀୟ ଶ୍ରେଣୀ ଅଲମ୍ପେଡ ପରୀକ୍ଷାରେ ଅରମାନ ରୌପ୍ୟ ପଦକ ପାଇଛନ୍ତି ଏବଂ ବିଦ୍ୟାଳୟର ଏକମାତ୍ର ଛାତ୍ର ଭାବେ ସେ ବ୍ଲକ ସ୍ତରୀୟ ବିଜ୍ଞାନ ମେଳାରେ ମଧ୍ୟ ଭାଗ ନେଇଛନ୍ତି ଏହାର ସ୍ୱୀକୃତି ସ୍ୱରୂପ ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ଏଥିସହ ଅଗ୍ରଣୀ ସାମାଜିକ ସଂଗଠନ ଉତ୍କଳ ବିକାଶ ପରିଷଦ କଟକ ସଦର, ସରସ୍ୱତୀ କଳା ପରିଷଦ କନ୍ଦରପୁର, ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ବୟାଳିଶ ମୌଜା, ମୁହାଁଣ ସାହିତ୍ୟ ସଂସଦ ମୁମ୍ବାଇ, ବିଷ୍ଣୁପ୍ରିୟା ଚାରିଟେବୁଲ ଟ୍ରଷ୍ଟ ଓଡିଶା ଆଦି ବହୁ ସଂଗଠନ ଦ୍ୱାରା ଉଚ୍ଚ ପ୍ରଶଂସିତ ଆଉ ସମ୍ମାନିତ । ତାଙ୍କ ଚିତ୍ରାଙ୍କନ ମାଧ୍ୟମରେ କରୋନା ଭୂତାଣୁ ସମ୍ବନ୍ଧୀୟ ଜନସଚେତନତା ଥିଲା ଖୁବ୍ ପ୍ରଶଂସନୀୟ ଆଉ ଶିକ୍ଷଣୀୟ । ଏତେ କମ ବୟସରୁ ତାଙ୍କ ବହୁମୁଖୀ ପ୍ରତିଭା ପାଇଁ ଅରମାନର ବାପା, ମା, ଗୁରୁଜନ, ବିଦ୍ୟାଳୟ ତଥା ସ୍ଥାନୀୟ ଅଞ୍ଚଳରେ ସମସ୍ତେ ଗର୍ବିତ ଓ ଦେଇଚାଲିଛନ୍ତି ପ୍ରେରଣା ଆଉ ଉତ୍ସାହ । ଏହି ଶିଶୁ ପ୍ରତିଭାଙ୍କ ସ୍ୱପ୍ନ ହେଉ ସଫଳ ସମାଲଷ୍ଠ ଆଉ ଶୁଭଙ୍କର, ପ୍ରତିଭାର ପରିଚୟ ସ୍ୱରୂପ ସ୍ୱତନ୍ତ୍ର ସ୍ଥାନ ଅଧିକାର କରନ୍ତୁ ଏତିକି ପ୍ରାର୍ଥନା ।

## ରୁଟିସେକା


ବିପ୍ଳବ

ବାହାରେ ଝାମ୍ପା ଅନ୍ଧାର । ଶୀତ ବି ଟିକେ ଟିକେ ପଡ଼ିଲାଣି । ବାଥରୁମ୍ ଭିତରୁ ପାଣି ଚ଼ବ ଚ଼ବ ଶୁଭିଲା । ମୋବାଇଲ ଲାଇଟ୍ ଜଳେଇଲି । ଝିଅ ଏକା ଶୋଇଥିଲା କ୍ଷ ତେବେ ଇଏ କଣ ବାଥରୁମ୍ ଯାଇଛି ଏଇ ଅନ୍ଧାରରୁ ? କେବେ ତ ଯାଏନି ଏ ବେଳରେ ! ଆମର ପୁରୁଣା କାଳିଆ ସରକାରୀ କ୍ୱାଟର କ୍ଷ ବାଥରୁମ୍ ବାହାରେ । ମୁଁ କବାଟ ପାଖକୁ ଗଲି । ଦର ଆଉଜା ହେଇଥିଲା । ବାଥରୁମ୍ ଲାଇଟ୍ ବି ଜଳୁଥିଲା । ଇଏ ବୋଧେ ଯାଇଛି । ହେଲେ କେମିତି ନିଶ୍ଚିତ ହେବି ? ଦୁଇଟି ବାଥରୁମ୍ ଲାଇଟ୍ ଜଳୁଥିଲା । ଯଦି ଭୁଲରେ ଆଉ କାହା କବାଟ ଠକ୍ ଠକ୍ କରିଦିଏ ! ନା । ମୋତେ ଅପେକ୍ଷା କରିବାକୁ ପଡିବ କିଏ ଜଣେ ବାହାରକୁ ଆସିବା ପର୍ଯ୍ୟନ୍ତ । କବାଟ ଖୋଲିବା ଯେତେ ବିଳମ୍ବ ହେଉଥିଲା ମୋତେ ବ୍ୟସ୍ତ ଲାଗୁଥିଲା । ଇଏ କେବେ କାଳି ଅନ୍ଧାରରୁ ଉଠେନି । ମୋର ଆଠଟା ବେଳେ ଡିଉଟି ଥିବା ସତ୍ତ୍ୱେ । ଅଧିକାଂଶ ସମୟ ମୁଁ କାଲିର ବାସି ରୁଟି ସହ ଫ୍ରିଜରେ ଥିବା ତରକାରୀ ଖାଇ କାମ ଚ଼ଳେଇ ଦିଏ । ମୁଁ ଡିଉଟି ଯିବା ପରେ କାହା ସହ ଲଫଡା କରୁନି ତ ? ହେଇଥିବ ? ଝିଅକୁ ପାଞ୍ଚଟା ବର୍ଷ ହେଲା । ଆଉ ଯାକୁ ଆଧାର କାର୍ଡରେ ଛବିଶ । ହେଇ ହେଇ ଆଉ ଦୁଇବର୍ଷ ହେବ । ହଁ ମ । କବିତା, ବନିତା, ଲତା। ଯାଙ୍କର ଆଶ୍ରୟ ସଦାବେଳେ ଲୋଡ଼ା । ବାର ଚ଼ିନ୍ତାରେ ଅସ୍ତବ୍ୟସ୍ତ ହେଇ ଯାଉଥିଲି ମୁଁ କ୍ଷ ମୋ ଭାବନାରେ ପୂର୍ଣ୍ଣ ଛେଦ ପକେଇ ଶ୍ରୀମତୀ ବାଥରୁମ୍ କବାଟ ଖୋଲି ବାହାରି ଆସିଲେ ଓଦା ଲୁଗାରେ । ସୂର୍ଯ୍ୟ ଆଜି କୋଉ ଦିଗରେ ? ମନକୁ ମନ ପ୍ରଶ୍ନ କରୁଥିଲି ମୁଁ । ସେ ଶୁଣି ପାରିଲା କି କଣ କେଜାଣି ? ଜବାବ ଦେଲା । – ଅନ୍ଧାର ଅଛି କ୍ଷ ସୂର୍ଯ୍ୟ ଉଦୟ ହେଇ ନାହାନ୍ତି କ୍ଷ ସେଇ ପୂର୍ବରେ ଉଦୟ ହେବେ । ଆଉ ଟିକେ ପରେ ।

– ହେଲେ ଏତେ ଚ଼ଞ୍ଚଳ !

– ଜାଣିନ ଆଜି ରାଲି ?

ଏବେ ମୋ ନିଦ ସମ୍ପୂର୍ଣ୍ଣ ଛାଡିଗଲା । ରାଲି କଥା ଶୁଣିଲେ ଛାତି ଥରୁଛି କ୍ଷ କିଛି ଦିନ ହେବ ଶାସକ, ବିରୋଧୀ ଆଉ କିଛି ସଂଗଠନ ଭିତରେ ଯେମିତି ରାଲି ପ୍ରତିଯୋଗିତା ଚ଼ାଲିଛି । ଡିଉଟି ନକଲେ ସରକାର ରୋଷ । କଲେ ବିରୋଧୀ ରୋଷ । ତା ପରେ ଇଏ ଆମର ନାରୀ ନେତ୍ରୀ । ଆଖ ପାଖରେ ଯେତେ କଲୋନୀ ସମସ୍ତେ ଯାଙ୍କୁ ଜାଣନ୍ତି କ୍ଷ ଅବଶ୍ୟ ମୋ ସ୍ତ୍ରୀ ହିସାବରେ କମ୍ ଆଉ ନାରୀ ନେତ୍ରୀ ହିସାବରେ ବେଶି ।

ଆଜି ଯାଙ୍କ ରାଲି ଶୁଣି ମୋତେ ବିରକ୍ତ ଲାଗୁ ନଥିଲା । ରାଜ୍ୟରେ ବିରୋଧୀ ଦଳ ଥିବା ନଥିବା ପରି । ଗୋଟିଏ ହାଇ ପ୍ରୋଫାଇଲ ମର୍ଡର ପାଇଁ ରାଜ୍ୟ ପଡୁଛି ଉଠୁଛି । ତେଣୁ ବିରୋଧୀ ଏବେ ସକ୍ରିୟ ହୋଇ ନିଜର ଉପସ୍ଥିତି ଜାହିର କରିବାକୁ ପ୍ରସ୍ତୁତ । ତାଙ୍କ ସହ ବିଭିନ୍ନ ସାମାଜିକ ସଂଗଠନ ବି । ଆଗକୁ ପଂଚ଼ାୟତ ସହ ମୁନିସିପାଲିଟି ନିର୍ବାଚ଼ନ । ତେଣୁ ଆଗରୁ ନିଜକୁ ପ୍ରସ୍ତୁତ ପାଇଁ କ୍ଷେତ୍ର ପ୍ରସ୍ତୁତ କରିବାରେ ବ୍ୟସ୍ତ । ମୋତେ ଆଜି ସାମାନ୍ୟ ଖୁସି ଲାଗୁଥିଲା । ଚ଼ାକିରୀ ମାନେ ଅବିକା ବିବେକର ବିକ୍ରି, ବିଶେଷ କରି ସରକାରୀ ଚ଼ାକିରୀ କ୍ଷ ଆଉ ଆମ ପୋଲିସ ଚ଼ାକିରୀ କଥା ଛାଡ଼ ।

– ଶୁଣୁଛ.....ମୁଁ ଏଇ ଅଧଘଣ୍ଟେ ଭିତରେ ବାହାରି ଯିବି କ୍ଷ ମୋତେ ଗ୍ୟାସ ଟାଙ୍କି ଏକାଠି କରିବାକୁ ହେବ ।

– ଆରେ ହୋଟେଲରେ ଖାଇଦେବ । କେତେବେଳେ ରାଲି କରିବ କେତେବେଳେ ରୋଷେଇ କରିବ ?

– ବୁଝୁଛ ଛେନା ଟା !

– ମାନେ ?

– ଖାଲି ଗ୍ୟାସ୍ ଟାଙ୍କି ଦରକାର

– କାହିଁକି ?

– ରାଲି ହେବ କହୁଛି ପା । ପେଟ୍ରୋଲ, ଡିଜେଲ, ଗ୍ୟାସ ଦର ହୁ ହୁ ହେଇ ବଢୁଛି ।

– ଆଉ ରେପ୍, ହତ୍ୟା ବଢୁଛି ସେଥିପାଇଁ କ'ଣ କରୁଚ଼ ?

– ନିଜକୁ ପଚ଼ାର.. ପୋଲିସ ପା ତମେ ? ମୋ ଅକଲ ଗୁଡୁମ୍ ।

– ଖାଲି ତ ଭାବିଲ ଆଉ ? ହେଲେ ନିଜ କଥା ଟିକେ ଭାବ । ଚ଼ାକିରୀ କଥା ଖାଲି ଭାବିଲେ ଚ଼ଳିବ ? ଜାଣିଛ ଏ ରାଲି ସକ୍ସେସ ହେଲେ କର୍ପୋରେଟର ପାଇଁ ଟିକେଟ ମିଳିବ ।

– ଓଃ ତମେ ତାହେଲେ ନିଜର ରୁଟି ସେକିବା ପାଇଁ ଖାଲି ଟାଙ୍କି ଖୋଜୁଛ ? ସେ ଝିଅକୁ ନ୍ୟାୟ ଦେବା ତମ ଉଦ୍ଦେଶ୍ୟ ନୁହେଁ ? ହେଲେ ଭୁଲି ଯାଆନି ଆମର ବି ଝିଅଟେ ଅଛି ।, ଆଉ ସେ ବି କାଲି ବଡ଼ ହେବ !

ଶ୍ରୀମତୀ ମୋ ମୁହଁକୁ ବଲ ବଲ କରି ଚ଼ାହିଁଥିଲେ ।

ମକୁନ୍ଦ ପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬

## ଲୁହ

ସଂଜିତ୍ କୁମାର ବଳ



ଦିନେ ଦେଖିବ
ମୁଁ ତୁମର ଆଉ
ନିଜର ହେଇ ରହିବିନି,
ତୁମକୁ ଲାଗିବ
ନଷ୍ଟ ହେଇଯାଇଚ଼ି
ମୋ ଉର୍ବରତା
ଯାହା ବଳରେ ଦିନେ
ମୁଁ ତୁମ ନୀରବତାରୁ
ଉପୁଜାଇ ପାରୁଥିଲି ପ୍ରତିଧ୍ୱନି।

ଦେଖ,ମୋ ପରି ସମସ୍ତେ
ଦିନେ ନିଶବ୍ଦ ହେଇଯିବେ।
ପୁଣିଥରେ ଜନ୍ମିବାକୁ
ଚ଼ାହୁଁନଥିବା ନିପୁଣ ଦୁଃଖ,
ଚେପଟା ଥାଳ ବି।
କେହି ନଥିବା ବେଳେ
ଯେ ହାତ ପାତି ରହିଥାଏ
ଆଖିପତା ନପକାଇ।

ତୁମେ ଜାଣିଥିଲ ଏ କଥା
ଯୋଉଦିନ ସେ
ବେହେଡାଦାଂଡିଆ ସମୟ
ତୁମ ପ୍ରେମକୁ ଦେଖେଇଥିଲା
ରଂଗଛଡା ହାରିକିଣି,
ଆଉ ତୁମେ ଦେଖିପାରିଥିଲ
ହାରିକିଣି କାଚ଼ ଭିତରେ
ମଳା ପତଂଗ
ପବନର ଛାତ ତଳେ ବସି
ମୋତେ ଆବାହନ କଲା କ୍ଷଣି।

ଜାଣିଛ,ସେଦିନଠୁଁ ତୁମର
କିଛି ଶବ୍ଦଂକ ଆଖିରେ
ସ୍ୱପ୍ନ ବୋଝେଇ ରାତିସବୁ
ଚେଇଁ ଶୋଇଚ଼ଂତି,
ତୁମ ସହ ସେଇ ରାତି
କେବଳ ଆତ୍ମୀୟ ହୋଇଚ଼ି
ଯାହାର ଡେଣାକୁ ଛୁଇଁପାରିନି
ଆଲୁଅର ଅଠାକାଠି।

ତୁମେ ଜଳିଗଲା ବେଳେ
ଡାଳେ ଶୀତଳତା ସହ
ତୁମକୁ ପରିଚ଼ିତ କରାଇଚ଼ି,
ତୁମେ ନିଭିଗଲାବେଳେ
ତୁମ ଅଂଗାରର ଗୀତ ସହ
ସ୍ୱର ମିଳାଇଚ଼ି।
ତୁମକୁ ମିଳିଥିବା ଖୁସିର
ଦିନସବୁକୁ ଖୁଚୁରା କରି
ରାଗ,ଋଷା,ଅଭିମାନକୁ
ବାଂଟି ଦେବାବେଳେ
କୁହ,ମୁଁ ସାଂଗରେ ନଥାଏ କି ?

ତଥାପି ତୁମର ମନେହେବ
ମୋ ଇଚ୍ଛାକୁ ସମ୍ମାନ ଦେବାପାଇଁ
ତୁମ ଜୀବନ ଯେମିତି
ପାଲଟିଯାଇଚ଼ି ଚ଼ାରଣଭୂଇଁ,
ତୁମ କୁନାକୁନି ସ୍ୱପ୍ନମାନେ
ପାଇନାହାଂତି ସୁଯୋଗ
କୃତି ପ୍ରତିଯୋଗୀ ହେବାପାଇଁ।

ଶେଷରେ ତୁମେ ମୋତେ
ଭୁଲିଯିବ।
ଏଇ ଭୁଲିବାର ଅମରତ୍ୱ ଆଶାରେ
ତୁମ ପିଲାବେଳୁ ଆଜିଯାଏ
ମୋର କେତେ ଯେ ପ୍ରାର୍ଥନା
ତୁମକୁ କ'ଣ ଜଣାନାଇଁ !

ସା-ମୂଷାଂଗ ପୋ-କୋହ୍ଲ
ତିହିଡି,ଭଦ୍ରକ-୭୫୬୧୩୦
ମୋ-୯୪୩୯୦୫୧୮୮୦

## ଆଜି ଭାରି ଆପଣାର...

ଲୋପାମୁଦ୍ରା ଜେନା



ନାଁ ନାଁ କହି ହୁଏ ମୁଁ ହାଲିଆ
ତୁମେ ହସି ହଁ କୁହ,
ଅଢ଼େଇ ଅକ୍ଷର ଶବ୍ଦ ଖେଳୁଥାଏ
ଦୋଳି ଏ ଦେହୁ ସେ ଦେହ ॥

ତୁମେ ପଢି ବସ ନୀରବେ ନୀରବେ
ନୀରବ ଆଖିକୁ ମୋର,
ମୁଁ ତ ହଜିଯାଏ ଗଭୀର ସାଗରେ,
ତୁମ ହୃଦେ ବାରବାର ॥

ମୁରୁକି ମୁରୁକି ଫୁଲ ହସୁଅଛି
କୁହୁଡି ତୋଳିଛି ଘର,
ଘାସ ପତରରେ ଶିଶିର ମୁକୁତା
ତୁମେ ଛୁଅଁ ମନ ମୋର ॥

ଅଚ଼ିହ୍ନା ଅଜଣା ଥିଲେ ସିନା ଦିନେ
ଆଜି ଭାରି ଆପଣାର ,
ଶରୀରଟି ଭିନ୍ନ ଆତ୍ମା ତ ଅଭିନ୍ନ
ପ୍ରେମ କଲା ମନେ ଘର ॥

ଦୀପାଳିଟେ ହେଲି ତୁମ ଅଗଣାରେ
ତୁମେ ମୋ' ମନ ସଳିତା
ଅୟୁତ ଯୁଗରୁ ପ୍ରେମ ଖେଳୁଅଛି
ହୋଇ ସେ ଜଗତଜିତା !!

ଯୁଗ ଯୁଗ ଧରି ଗୁନ୍ଥା ହୋଇଥିବ
ଆମ ପବିତ୍ର ପ୍ରଣୟ ,
ହେ ସଳିତା ! ମୁଁ ଯେ ତୁମରି ଦୀପାଳି
ତୁମ ଚ଼ରଣେ ମୋ' ଲୟ !

ବାଲାଜି କମ୍ପ୍ଲେକ୍ସ ,
ଭୁବନେଶ୍ୱର : ୭୫୧୦୦୬

## ଦୀପଂ ଜ୍ୟୋତି ପରଂବ୍ରହ୍ମ

ସୁଜାତା ମହାପାତ୍ର



ନୀଳ ଶିଖାରୁ ବିଚ୍ଛୁରି ଯାଉଛି ଆଲୁଅ
ଗନ୍ତବ୍ୟ ତାର ଶୂନ୍ୟ ବ୍ରହ୍ମାଣ୍ଡ,
ମୁଁ ବା କୋଉ ରୋକି ପାରିବି
ଚ଼ାଖଣ୍ଡେ ପ୍ରମାଣେ ଏଇ ଅଗଣାରେ !

କ୍ଷିପ୍ର ତାର ଗତି
ଆଲୋକ ବର୍ଷ ଭେଦି
ମୋ ମନ୍ତ୍ରର ସ୍ୱର କଣ
ପହଂଚ଼ି ପାରିବ ସେ ଯାଏଁ ?

ବୁନ୍ଦା ବୁନ୍ଦା ଆଲୁଅ ସଂଚ଼ରି
ଯାଉଛି ଚିତ୍ରପଟ୍ଟ ଦେହରେ,
ମୁଁ କଣ ଧରି ରଖିପାରିବି
ଧାରେ କଜ୍ୱଳ ରେଖାରେ ?

ଅଯୋଗ୍ୟ ମୁଁ !

ବରଂ ହଜାଇଦେବି ମୋ
ନିଅଣ୍ଟିଆ ପଣତ କାନୀ
ଏରକା ବନର କେଉଁ ଏକ
ଅଜ୍ଞାତ ଛାଇ ଅନ୍ଧାରରେ

ସେ ଥାଉ ସେଇମିତି ତପସ୍ୟାରତ,
ତୁମେ ଆସି ଆଲୋକିତ କରିଯିବା
ଯାଏଁ !

ଶିବାନୀ ଏଂକ୍ଲେଭ
ବମୀଖାଲ କେନାଲ ରୋଡ
ଭୁବନେଶ୍ୱର, ୭୫୧୦୧୦
ଫୋନ :
୯୪୩୭୩୬୦୯୬୪

## ଧର୍ମ ଅର୍ଜନ ମାସ

ଜୟଶ୍ରୀ ପଟ୍ଟନାୟକ



ଧର୍ମ ଅର୍ଜନର ମାସଟି କାର୍ତିକ
ଶ୍ରୀହରି ପୂଜିବା ପାଇଁ
ଦେବ ଦରଶନ ହବିଷ ଭୋଜନ
ମୁକତି ଲଭିବା ପାଇଁ ।
ଶୁଦ୍ଧ ସ୍ନାହାନ ପ୍ରଭାତୁ କରିଣ
ଦେବ ଦରଶନ କରି
ଭଜନ କୀର୍ତନ ପୁରାଣ ପାଠରେ
ସମୟ କର ହେ ପାରି ।
ଆଷାଢ଼ ଶୁକ୍ଳର ଏକାଦଶୀ ଦିନ
ନାମ ତା ହରିଶୟନ
କାର୍ତିକ ଶୁକ୍ଳର ଏକାଦଶୀ ତିଥି
ନାମ ହରି ଉତ୍ ଥାପନ ।
ରାଇ ଦାମୋଦର ବେଶେ ପୂଜା
ହେଲେ
ମାସକ ଜଗତ ସାଇଁ
ବାଳଭୋଗ ଖାଇ ସଂତୁଷ୍ଟ ହୋଇଲେ
ଭକତ ମାନଙ୍କ ପାଇଁ ।
ଏକାଦଶୀ ଦିନେ ଲକ୍ଷ୍ମୀ ନାରାୟଣ
ବେଶରେ ହେବେ ସଜେଇ
ଦ୍ୱାଦଶୀରେ ବାଙ୍କଚୂଡ ତ୍ରୟୋଦଶୀ
ତ୍ରିବିକ୍ରମ ରୂପ ହୋଇ ।
ଲକ୍ଷ୍ମୀ ନାରାୟଣ ବେଶ ହେବେ ସେ
ଯେ
ଶୁକ୍ଳ ଚତୁର୍ଦ୍ଦଶୀ ଦିନେ
ପୂର୍ଣ୍ଣିମାରେ ହେବେ ରାଜରାଜେଶ୍ୱର
ପଂଚୁକର ଦରଶନେ ।
ବୋଇତ ବନ୍ଦେଇ ଦେବା ସବୁ ମିଶି
କହିଣ ଆ କା ମା ବୈ
ପୁଣ୍ୟ ଅର୍ଜନ କରିଯିବା ସବୁ
କାର୍ତିକରେ ସାଥି ହୋଇ ।

ଗଙ୍ଗନଗର, ଭୁବନେଶ୍ୱର
ମୋ- ୭୯୭୮୧୧୦୪୭୪

## କାର୍ତ୍ତିକ ମାସ !

ଯୁଧିଷ୍ଠିର କୁଅଁର



କାର୍ତ୍ତିକ ମାସେ,
କାକର ଖସେ,
ଶୀତଳ ବାଆରେ ଦେହ ଥରିଯାଏ
ନିଶି ବଢିଯାଇ
ଦିବସ ନାଶୋ।୧॥
ଫୁଲ ସୁବାସେ,
ବଗିଚ଼ା ହସେ,
ସୁନାର ଫସଲ କ୍ଷେତରେ ଖେଳିଲେ
ଚ଼ାଷୀ କୁଡ଼ିଆରେ
ଖୁସି ବରଷୋ।୨॥
ହବିଷା ଅନ୍ନ,
ପ୍ରାତଃ ସ୍ନାହାନ,
ହରି ସଂକୀର୍ତ୍ତନେ ଗଗନ ଉଛୁଳେ
କାମ କ୍ରୋଧ ଲୋଭ,
ମୋହ ବିନାଶୋ।୩॥
ବୋଇତ ମେଳା,
ଭାସିବ ଭେଳା,
ଆ କା ମା ଭୈ ବୋଇତ ବନ୍ଦାଣେ
ପୁରୁବ ଗୌରବ
ସଂସ୍କୃତି ଦିଶୋ।୪॥
ରାସ ପଞ୍ଚମୀ,
ହେବା ସଂଯମୀ,
ନିତ୍ୟ ରାହାସରେ
ନିତ୍ୟ ଲୀଳା ଦେଖି
ଜ୍ଞାନ ଭକ୍ତି ପ୍ରେମ
ଜ୍ୟୋତି ପ୍ରକାଶୋ।୫॥

ଡଗରପଡା,ବାଲେଶ୍ୱର
ମୋ : ୯୦୪୦୬୩୨୧୯୪

## ମୁଁ ଚ଼ିର ଉଲଗ୍ନା ହୋଇଛି !

ତୁଇଟ୍ ଡେଭିଡ ଫିଲିପ୍

ମା
ମୋତେ ସେ ତଣ୍ଟି ଚ଼ିପି ମାରିଲା
ପ୍ରାଣ ନ ଯାଉଣ କା।ଟିଲା ଲୋ....
କତୁରି ନା ଟାଙ୍ଗିଆ, ନା ଦାଆ, ଜାଣିନି...
ମଲା ଭାବି, ଚୋଟ ମାରି ମାରି ଖଣ୍ଡ
କଲା
ଜାଣି ପାରୁଥିଲି......
ମା
ତୁ ଏଇଥି ପାଇ ଜନ୍ମ କରିଥିଲୁ କି
ପାଠ କାହିକି ପଢ଼ାଇଲୁ
ଚ଼ାକିରି ପାଇ ମନା କାହିଁକି ନକଲୁ
ହାତ ଟାଣି ରଖି ଥାନ୍ତୁ
ଆଉ ତୋର ଗେଲ, ପିଠା, ଖିରି,
ଶାଗ, ପଖାଳ, କୋଳ
ପାଇବିନି ଜାଇ
ବାପା
ତୁମେ ବିତ ପୁରୁଷ,
ତମକୁ ଦେଖି ଏହି ପୁରୁଷ କୁ ବିଶ୍ୱାସ
କଲି
ଭାଇରେ
ତୋ ଭଉଣୀ କୁ ପୁରା ଖାଇଲା ସେ
ତୋତେ ଖୋଜିଲିରେ ଭାଇ,
ମୋ ଆଖିରେ ମୋର ରକତ
ମୋ ଦେହରେ ମୋର ଚ଼ିରା ଲୁଗା
ମୋ ଦେହରେ ତାର ହାତ
ବଡ଼ ହେଲାପରେ
ତମେ ସବୁ ମୋତେ କେବେ ଛୁଇ
ନଥିଲ
ମୋତେ ସେ ସବୁଠି ଖଣ୍ଡ ଖଣ୍ଡ କଲା
ଭାଇ ରେ
ଜା ପଚ଼ାରିବୁ
ସେ କାନ୍ଥ ଦେଖିଛି
ସେ ମାଟିରେ ମୋର ରକ୍ତ ପଡ଼ିଛି
କୁକୁର ଚ଼ାଟିଛି
ପିମ୍ପୁଡ଼ି, ମାଛି ବସିଛି
ସେ କହିବେ
ତାଙ୍କୁ ପଚ଼ାରିବୁ ସେ କହିବେ
ଭାଇ
ମୋ ଚ଼ିତ୍କାର ସେଇଠି ଏବେବି
ଗୁଞ୍ଜୁରୁଛି, ଜା ଶୁଣିବୁ
ବାପା
ଯାଅ
ସେ ମାଟିରେ ତମ ଗେଲିର ପା।ଦ
ଚ଼ିହ୍ନ ଅଛି
କହିଦେବ
ମୁଁ କେତେ ଗୁରୁର୍ଣ୍ଣିଲି
ମୁଁ କେତେ ବିକଳ ହେଲି
କେତେ ସହିଲି......
ଭାବିଥିଲି
ସେଶ ମୁହୂର୍ତ୍ତରେ
ଆମଘରୁ କିଏ.....
ନହେଲେ ଆମ ଗାଆଁ ରୁ କିଏ......
ଆମ ଛାତ୍ର ଛାତ୍ରୀ ରୁ ବି କିଏ......
ଆମ ସହ କର୍ମୀ ଭିତରୁ ତ ନିଶ୍ଚ ?
କିଏ
ଜଣେ ତ ପହଞ୍ଚିବ
କେହି ହେଲେ ଆସିଲନି
ଆସିଲ
ମୋର ରକ୍ତ ମାଡ଼ିଲ
ଜାଣି ପରିଲ ନି ?
ଏବେବି ତ ଡାକୁଛି
ମା.......
ବା...... ପା......
ଭାଇ ରେ.........
ଲୁଚ଼ କାଳୀ ଭାବୁଛୁ
ମୁଁ ଆଜି ଲୁଚ଼ିନି ତୁ ଦେଖି ପାରୁନୁ
ମୁଁ ସବୁଠି ଅଛି
ମୋର ଚୁଟି,
ମୋର ପାଉଜି
ମୋର ଦେହ
ମୋର ହାଡ଼
ମୋର ଡ୍ରେସ
ମୋର ରକ୍ତ
ସବୁ ଖଣ୍ଡ ଖଣ୍ଡ ହୋଇ ଖେଳି ଯାଇଛି
ଯେଉଁଠି ଖୋଜିଲେ ସେଇଠି
ଏ ସାଙ୍ଗ ମାନେ କହିଦିଅ
ସେ ମୋତେ ପୁରା ବିଭ୍ସ କରିଦେଇଛି
ମୁଁ ଆସି ପାରିବନି
ତମେ ସବୁ କେହି ଦେଖି ପାରିବନି
ମୁଁ ଉଲଙ୍ଗ
କେହି ସେତେ ହୋଇନି
ମୁଁ ଏତେ ଲୁଚ଼ି ଯାଇଛି ଯେ
ତମେ ସବୁ କେହି ଦେଖି ପାରିବନି
ସେ ସେ ସେ, ସେ ହିଁ ଦେଖିଛି,
ଦେଖୁଛି, ଦେଖୁଛି
ମୁଁ ହେଲି ଚ଼ିର ଉଲଙ୍ଗ
ମା
ଲୁଚେଇ ଦେ ମୋତେ
ସେ ଦେଖିଛି, ଦେଖୁଛି ମୋତେ
ବାପା
ଲୁଚେଇ ଦିଅ ମୋତେ
ସେ ଦେଖିଛି, ଦେଖୁଛି ମୋତେ
ଭାଇ
ଆ......ନା....
ଦେଖିପାରିବୁନି
ଆଖି ବୁଜିଦେ
ବଲାଙ୍ଗୀର, କଳାହାଣ୍ଡି, ପଶ୍ଚିମ
ଓଡ଼ିଶା, ଓଡ଼ିଶା, କେହି ଆସନା.....
ମୋତେ ଲୁଚ଼ିବାକୁ ଦିଅ
ସମୟ, ଆ.......
ମୋତେ ଲୁଚେଇ ଦେ
ମୁଁ ସେଇ ମମିତା ।

ୱାର୍ଡ ନମ୍ବର: ୧୭
ବୁଢ଼ିବହାଲ,ଭବାନୀପାଟଣା,
କଳାହାଣ୍ଡ
ମୋ: ୯୪୩୭୧୦୪୩୦୩




# କୋଣାର୍କ ଉତ୍ସବ ଓ ଆନ୍ତର୍ଜାତିକ ବାଲୁକା ଉତ୍ସବ-୨୦୨୧ ନିମନ୍ତେ ପ୍ରସ୍ତୁତି ବୈଠକ




କୋଣାର୍କ (ପିଏନ୍): ଗୁରୁବାର ପୂର୍ବାହ୍ନ ୧୧ଟା ସମୟରେ କୋଣାର୍କ ଯାତ୍ରିନିବାସ ସମ୍ମିଳନୀ କକ୍ଷରେ ଓଡିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଡ଼ିସେମ୍ବର ୧ରୁ ୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଯାଉଥିବା କୋଣାର୍କ ଉତ୍ସବ-୨୦୨୧ ଓ ଆନ୍ତର୍ଜାତିକ ବାଲୁକା କଳା ଉତ୍ସବ ନିମନ୍ତେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ପର୍ଯ୍ୟଟନ ବିଭାଗର ମୁଖ୍ୟ ସଚିବ ସୁରେନ୍ଦ୍ର କୁମାରବଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ରାଜ୍ୟ ପର୍ଯ୍ୟଟନ ବିଭାଗର ଅତିରିକ୍ତ ସଚିବ ରୀନା ମହାପାତ୍ର, ପୁରୀ ଜିଲ୍ଲାପାଳ ସମର୍ଥ ବର୍ମା, ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ସଚିନ ଆର ଯାଦବ, ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଅନ୍ତର୍ଜାତୀୟ ବାଲୁକାକଳା ପ୍ରଦର୍ଶନୀର ବ୍ରାଣ୍ଡ ଆମ୍ବାସାଡ଼ର ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ପୁରୀ ଜିଲ୍ଲା ବନ୍ୟପ୍ରାଣି ବନଖଣ୍ଡ ଅଧିକାରୀ ରାମାସାମୀ ପି. ଅତିରିକ୍ତ ଜିଲ୍ଲାପାଳ ବିନୟ କୁମାର ଦାଶ, ପୁରୀ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ ସେଠୀ, କୋଣାର୍କ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅକୃତି ଗୋଏଙ୍କା, ପୁରୀ ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲ୍ଲା ପୋଲିସ, ଏଏସଆଇ, ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗ, ଦୂରଦର୍ଶନ କେନ୍ଦ୍ରର, ରାଜପଥ, ବିଦ୍ୟୁତ ବିଭାଗର ଅଧିକାରୀଙ୍କ ସମେତ କୋଣାର୍କ ଉତ୍ସବ ସହ ଜଡିତ ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ସ୍ଥାନୀୟ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇ ଥିଲେ । ସମ୍ପ୍ରତି ବିଶ୍ୱରେ ଗତ ଦୁଇ ବର୍ଷ ଧରି ମହାମାରୀ କରୋନା ଭୁତାଣୁ ସଂକ୍ରମଣରୁ ମୁକ୍ତି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି କରିଥିବା ଗାଇଡଲାଇନ କୋଭିଡ-୧୯ର ସମସ୍ତ ନିତୀନିୟମକୁ ଅନୁପାଳନ କରି ଚଳିତ ବର୍ଷର କୋଣାର୍କ ଉତ୍ସବ ଆୟୋଜିତ ହେବ । ଚଳିତ ବର୍ଷ କୋଣାର୍କ ଉତ୍ସବ ସମୟରେ ମୁକ୍ତାକାଶ ରଙ୍ଗମ□ରେ ଦର୍ଶକ ମାନେ ସାମାଜିକ ଦୂରାତା ବଜାୟୀ ରଖି ନୃତ୍ୟ ଓ ସଙ୍ଗୀତ ଉପଭୋଗ କରିବା ସହିତ ଦିନବେଳା ଚନ୍ଦ୍ରଭାଗାରେ ଆୟୋଜିତ ହେଉଥିବା ଆନ୍ତର୍ଜାତିକ ବାଲୁକା କଳା ପ୍ରଦର୍ଶନୀ ମହାମାରି କରୋନା ପାଇଁ ୩୦ଟି ଷ୍ଟଲରେ କରାଯିବ, ପର୍ଯ୍ୟଟକମାନେ କୋଭିଡ-୨୦୧୯ର ସମସ୍ତ ନିତୀନିୟମକୁ ମାନି ବାକୁକାଳା ପ୍ରଦର୍ଶନ ବୁଲି ଦେଖିପାରିବେ । ଏଥିପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି । ଚଳିତ ବର୍ଷର ଉତ୍ସବକୁ ପୁରୀ, ଭୁବନେଶ୍ୱର ଓ ଅନ୍ୟାନ୍ୟ ସହରର ଜନଗହଳି ପୂର୍ଣ୍ଣ ସ୍ଥାନମାନଙ୍କରେ ବଡ ବଡ ସ୍କିନ୍ ଲଗାଯାଇ ସିଧା ପ୍ରଶାରଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏଯାବତ ପର୍ଯ୍ୟଟନ ବିଭାଗର ୱେବସାଇଟରେ କୋଣର୍କ ଉତ୍ସବ-୨୦୨୧ ସମ୍ପର୍କରେ କୌଣସି ସୂଚନା ଡାଉନଲୋଡ କରାଯାଇ ନ ଥିବାବେଳେ କୋଣାର୍କ ଉତ୍ସବକୁ ଦେଖିବା ପାଇଁ ଆସୁଥିବା ପର୍ଯ୍ୟଟକଙ୍କୁ ଉତ୍ସବ ସମ୍ପର୍କରେ ସବିଶେଷ ସୂଚନା ମିଳିପାରୁ ନଥିବାରୁ ନୃତ୍ୟ ପ୍ରେମି ପର୍ଯ୍ୟଟକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ପର୍ଯ୍ୟଟନ ବିଭାଗ ପକ୍ଷରୁ ଚଳତ ବର୍ଷ ଉତ୍ସବର ବ୍ୟବସ୍ଥା ସମ୍ପର୍କରେ ଗଣମାଧ୍ୟମକୁ ଦିଆଯାଇଥିବା ସୂଚନାନୁଯାୟୀ ଶାସ୍ତ୍ରୀୟ ନୃତ୍ୟ ପ୍ରଦର୍ଶିତ ହେଉଥିବା ମୁକ୍ତାକାଶ ରଙ୍ଗମ□, ଚନ୍ଦ୍ରଭାଗାର ସ୍ୱର୍ଣ୍ଣିମ ବେଳାଭୂମିରେ ଆନ୍ତର୍ଜାତିକ ବାଲୁକା କଳା ପ୍ରଦର୍ଶନୀ, ହସ୍ତତନ୍ତ ଓ ହସ୍ତଶିଳ୍ପ ପ୍ରଦର୍ଶନୀ ଓ ଚିତ୍ରଶିଳ୍ପୀଙ୍କ ଚିତ୍ରକଳା ପ୍ରଦର୍ଶନୀ, ସାଇକଲ ଥୋନ, ଗଣଦୌଡ, ମୁକ୍ତାକାଶ ରଙ୍ଗମ□ ପରିସରରେ ଆୟୋଜିତ ସାହିତ୍ୟ ଆସର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ । ଡିସେମ୍ବର ୧ ତାରିଖ ଠାରୁ ପ୍ରତ୍ୟହ ସନ୍ଧ୍ୟା ୬ ଟାରୁ ରାତି ୮ଟା ୩୦ ମିନିଟ ପର୍ଯ୍ୟନ୍ତ ମୁକ୍ତାକାଶ ରଙ୍ଗମ□ରେ ଦୁଇଟି ପର୍ଯ୍ୟାୟରେ ଶାସ୍ତ୍ରୀୟ ନୃତ୍ୟ ସଙ୍ଗୀତର ମହା କୁମ୍ଭରେ ପ୍ରତେହ୍ୟ ଓଡିଶୀ ନୃତ୍ୟ ସହିତ କଥକ, ସତ୍ରୀୟା, ମୋହିନୀଆଟମ, ଭାରତନାଟ୍ୟମ୍ ଏବଂ କୁଚିପୁଡି ନୃତ୍ୟ ପ୍ରଦର୍ଶିତ ହେବ । ଚନ୍ଦ୍ରଭାଗାର ବେଳାଭୁମିରେ ଆୟୋଜିତ ହେଉଥିବା ବାଲୁକା କଳା ପ୍ରଦର୍ଶନୀରେ ଚଳିତ ବର୍ଷ ବିଦେଶୀ ମାନେ କୋଭିଡ କଟକଣା ପାଇଁ ଭାଗ ନେଇପାରୁ ନଥିବା ବେଳେ ଦେଶିୟ କଳାକାରମାନଙ୍କୁ ନେଇ ବାଲୁକା କଳା ପ୍ରଦର୍ଶନ କରାଯିବ ବୋଲି ଅନ୍ତର୍ଜାତୀୟ ବାଲୁକାକଳା ପ୍ରଦର୍ଶନୀର ବ୍ରାଣ୍ଡ ଆମ୍ବାସାଡ଼ର ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ସୂଚନା ଦେଇଛନ୍ତି ।

# କୃଷକ ବିକାଶ ପରିଷଦ ପକ୍ଷରୁ ବୀମା ଥାଇ ଋଣ ଛାଡ ନହେବା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଦାବିପତ୍ର



କେନ୍ଦ୍ରାପଡ଼ା (ପିଏନ୍): କୃଷକ ବିକାଶ ପରିଷଦ, କେନ୍ଦ୍ରାପଡା ଜିଲ୍ଲା ପକ୍ଷରୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଥାଇ ଫସଲ ସଂପୂର୍ଣ୍ଣ ନଷ୍ଟ ହେବା ପରେବି ଋଣ ଛାଡ କରାନଯିବା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ଗତ ଖରିଫ ଚାଷ ବେଳେ ଚାଷୀମାନେ ପ୍ରାଥମିକ କୃଷି ସମବାୟ ସମିତି, ବ୍ୟାଙ୍କ ଓ ବେସରକାରୀ ସଂସ୍ଥା ଗୁଡିକରୁ ଋଣ ନେଇ ଚାଷ କାର୍ଯ୍ୟ କରିଥିଲେ। ଋଣ ନେବା ସମୟରେ ଚାଷୀମାନେ ଫସଲକୁ ନଷ୍ଟ ହେବାରୁ ରକ୍ଷା କରିବା ପାଇଁ ଫସଲ ବୀମା କରିଥିଲେ। ଅତ୍ୟଧିକ ଲଗାଣ ବର୍ଷାରେ ଚାଷୀଙ୍କ ଫସଲ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ସରକାରୀ ତଦନ୍ତ ପରେ କେତେକ ଚାଷୀ କ୍ଷତିପୁରଣ ପାଇଥିବା ବେଳେ ସଂପୂର୍ଣ୍ଣ ଫସଲ ନଷ୍ଟ ହୋଇଯାଇଥିବା ଅନେକ ଚାଷୀ ଫସଲ ବୀମା କରିଥିଲେ ବି ଅଦ୍ୟାବଧି କ୍ଷତିପୁରଣ ପାଇନଥିବା କିମ୍ବା ସେମାନଙ୍କ ଋଣ ଛାଡ କରାଯାଇନଥିବା କୃଷକ ବିକାଶ ପରିଷଦ ଅଭିଯୋଗ କରିଛି। ତେଣୁ ଗତବର୍ଷ ପ୍ରଧାନମନ୍ତ୍ରୀ ଫସଲ ବୀମା କରିଥିବା ଚାଷୀମାନଙ୍କର ଋଣ ବୀମା କମ୍ପାନୀ ମାନେ ଛାଡ କରିବା ସହିତ ବେସରକାରୀ ସଂସ୍ଥା ଓ ହାତ ଉଧାରୀ ନେଇ ଚାଷ କରିଥିବା ଚାଷୀମାନଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବା ଏବଂ ଗତ ବର୍ଷର ଖଜଣା ଓ ଜଳକର ଛାଡ କରାଯିବାକୁ କୃଷକ ବିକାଶ ପରିଷଦ ପକ୍ଷରୁ ଦାବି କରାଯାଇଛି। ନଚେତ ପରିଷଦ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବାକୁ ବାଧ ହେବ ବୋଲି ପ୍ରଶାସନକୁ ଚେତାବନୀ ଦେଇଛି। ପରିଷଦ ପକ୍ଷରୁ ସଭାପତି ବିଜୟ କୁମାର ପରିଡା, ନାରାୟଣ ମୁଦୁଲି, ପୂର୍ଣ୍ଣଚନ୍ଦ୍ର ଭଦ୍ର, ଭ୍ରମରବର ରାଉତ, ବାସୁଦେବ ଗେରୁ, ଅଶୋକ କୁମାର ରାଉତ, ପ୍ରଶାନ୍ତ କୁମାର ବରାଳ ପ୍ରମୁଖ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## କେନ୍ଦ୍ରାପଡା ବ୍ଲକ ପରିସରରେ ଆଲୋକୀକରଣ ବ୍ୟବସ୍ଥା ଉଦଘାଟିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପ□ାୟତ ସମିତି କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ସନ୍ଧ୍ୟାରେ ଆଲୋକୀକରଣ ବ୍ୟବସ୍ଥା ଉଦଘାଟିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଲୋକୀକରଣ ବ୍ୟବସ୍ଥାକୁ ଉଦଘାଟନ କରିଥିଲେ। ଏକ ଲକ୍ଷ ୩୦ହଜାର ଟଙ୍କା ବ୍ୟୟ ଅଟ୍ଟକଳରେ କେନ୍ଦ୍ରାପଡା ବ୍ଲକ କାର୍ଯ୍ୟାଳୟ ପରିସରରେ ହାଇମାକ୍ସ ଲାଇଟ ଲଗାଯାଇ ପରିସରକୁ ଆଲୋକୀକରଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଶିବ ପ୍ରସାଦ ଭଳ, ମଣ୍ଡଳ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ଦାସ, ଉପାଧ୍ୟକ୍ଷା ସ୍ନେହଲତା ପ୍ରଧାନ, ସରପ□ ପ୍ରଦ୍ୟୁମ୍ନ କୁମାର ଜେନା, ଗାୟତ୍ରୀ ମହାନ୍ତି, ଜୀନତପ୍ରିୟଦର୍ଶିନୀ ରାଉତ, ପିତବାସ ବେହେରା, ଧରଣୀଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# କାନପୁର ବିସ୍ଥାପିତ ଅଂଚଳ ପରିଦର୍ଶନ କଲେ ଜାତୀୟ ଅନୁସୂଚିତ ଜନଜାତି କମିଶନ



ଯୋଡା (ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ଠାରେ ନିର୍ମାଣାଧିନ ବୃହତ ଜଳସେଚନ ପ୍ରକଳ୍ପ ଏବଂ ବିସ୍ଥାପିତ ଅଂଚଳ ପରିଦର୍ଶନ କଲେ ଅନୁସୂଚିତ ଜନଜାତି କମିଶନର ସଦସ୍ୟ ଅନନ୍ତ ନାୟକ। ୨୦୧୧ସୁଦ୍ଧା ସରିବାକୁ ଥିବା ଏହି ପ୍ରକଳ୍ପ ବିଭିନ୍ନ ସମସ୍ୟା ପାଇଁ ତ୍ୱରାନିତ ହୋଇ ପାରୁନଥିବା ବେଳେ ସମସ୍ୟା ଗୁଡିକ ବିଷୟରେ ପ୍ରକଳ୍ପର ନିର୍ମାଣ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରଥମେ ସେ ବିସ୍ଥାପିତ ହୋଇଥିବା ଅଂଚଳ ବୁଲି ଲୋକ ମାନଙ୍କ ସହ ଭେଟ କରିଥିଲେ ଏବଂ ଲୋକ ମାନଙ୍କ ସମସ୍ୟା ଗୁଡିକ ପଚାରି ବୁଝିଥିଲେ। ଲୋକମାନଙ୍କ ବିଭିନ୍ନ ସମସ୍ୟା ଭିତରେ ମୁଖ୍ୟ ସମସ୍ୟା ଥିଲା ବିସ୍ଥାପିତ ହୋଇଥିବା ଲୋକଙ୍କ ପାଇଁ ବିଭିନ୍ନ ମୌଳିକ ସୁବିଧା ଯୋଗାଇଦେବା ଏବଂ ରହୁଥିବା ଅଂଚଳରେ ଧାର୍ମିକ ଅନୁଷ୍ଠାନ ନିର୍ମାଣ କରିବା, ପୋଖରୀ, ଶ୍ମଶାନ ଘାଟ ତିଆରି କରିବା ସହ ଜମିହରାଇଥିବା ପରିବାରର ଯୁବପିଢୀଙ୍କୁ ଯାନ୍ତ୍ରୀକ ଜ୍ଞାନ କୌଶଳ ଦେଇ ନିଯୁକ୍ତି କରାଇବା। ତେବେ ଉପରୋକ୍ତ ସୁବିଧା ଗୁଡିକ ଯୋଗାଇ ଦେବାକୁ ବାରମ୍ବାର ଜଳସେଚନ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଅଧିକାରୀ ମାନେ ଧ୍ୟାନ ଦେଉନଥିବା ଏବଂ ଅଧିକାରୀଙ୍କ ଅନ୍ୟତ୍ର ବଦଳି ହେବା ଦ୍ୱାରା ବିସ୍ଥାପିତଙ୍କ ଦାବୀଗୁଡିକ ପୂରଣ ହୋଇପାରୁନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଥିଲେ। କାନପୁର ପ୍ରକଳ୍ପ ଅଧିକାରୀଙ୍କ ସହ ଏ ସଂକ୍ରା'ରେ ଆଲୋଚନା କରି ସମାଧାନର ବାଟ ବାହାର କରିବାକୁ କହିଥିଲେ। ଅପରାହ୍ନ ସମୟରେ କମିଶନର ସଦସ୍ୟ ଶ୍ରୀ ନାୟକ ପ୍ରକଳ୍ପ ଅଧିକାରୀଙ୍କ ସହ ଆଲୋଚନା କରି ୨୦୨୩ ସୁଦ୍ଧା ପ୍ରକଳ୍ପଟି ସମ୍ପୁର୍ଣ୍ଣ ହେବ ବୋଲି ଜାଣିବାକୁ ପାଇଥିଲେ ଏବଂ ଦରକାର ହେଲେ ପୁଣି ଆଉ ଥରେ ଆସି ପ୍ରକଳ୍ପକୁ ତଦାରଖ କରିବା ସହ କେନ୍ଦୁଝର ଜିଲ୍ଲାପାଳଙ୍କ ସହ ଏ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିବେ ବୋଲି ବିସ୍ଥାପିତ ଲୋକଙ୍କୁ ପ୍ରତିଶୃତି ଦେଇଥିଲେ । ଏହି ଗସ୍ତ ସମୟରେ ଜାତୀୟ ଅନୁସୂଚିତ ଜନଜାତି କମିଶନର ସଦସ୍ୟଙ୍କ ସହ କମିଶନ କାର୍ଯ୍ୟାଳୟର ତିନିଜଣ ଆଇନ ପରାମର୍ଶ ଦାତା ପରିଦର୍ଶନ କରିବା ସହ ଶ୍ରୀ ନାୟକଙ୍କୁ ସହାୟତା କରିଥିଲେ। ଏଥି ସହିତ ବିଜେପି ରାଜ୍ୟ ଉପ ସଭାନେତ୍ରୀ ସୁକେଶୀ ଓରାମଙ୍କ ସହ ଅନେକ ବିଜେପି କର୍ମୀ ଯୋଗଦେଇଥିଲେ।

# ଆଇ.ଏ.ଏସ. ସମର୍ଥ ବର୍ମାଙ୍କ ସାହାଯ୍ୟ କେବେ ଭୁଲିପାରିବିନି: ନିଟ ପାଇଥିବା ଛାତ୍ର ଅମୃତ



କେନ୍ଦ୍ରାପଡ଼ା (ପିଏନ୍): ଆଇ.ଏ.ଏସ. ଅଫିସର ତଥା କେନ୍ଦ୍ରାପଡାର ପୂର୍ବତନ ଜିଲ୍ଲାପାଳ ଓ ବର୍ତ୍ତମାନର ପୁରୀ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ସାହାଯ୍ୟ ଓ ସହଯୋଗ ମୁଁ କେବେ ଭୁଲି ପାରିବି ନାହିଁ। ସେ ସହାୟତାର ହାତ ବଢାଇନଥିଲେ ମୋର ଡାକ୍ତରୀ ପାଠ ପଢିବାର ସ୍ୱପ୍ନ ଭାଙ୍ଗି ଚୁରମାର ହୋଇଯାଇଥାନ୍ତା। ତାଙ୍କରି ସହଯୋଗ ପାଇ ମୁଁ ଭୁବନେଶ୍ୱରରେ ମେଡିକାଲ କୋଚିଂ ନେଲି ଓ ଆଜି ଡାକ୍ତରୀ ପାଠପଢିବାର ସୁଯୋଗ ପାଇଛି ବୋଲି କହିଛନ୍ତି ନିକଟରେ ମେଡିକାଲ ପାଠ୍ୟକ୍ରମ ପାଇଁ ନିଟ୍ ପ୍ରବେଷିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ ଅନ୍ତର୍ଗତ ରାଜଗଡ ପ□ାୟତର ଗୟାସପୁର ଗ୍ରାମର ପିତା ଅମ୍ବୁଜ କୁମାର ରାଉତ ଓ ମା ସୌଦାମିନୀ ରାଉତଙ୍କ ପୁଅ ଅମୃତ ମୋହନ ରାଉତ। ତୁଳସୀ ଦୁଇପତ୍ରରୁ ବାସିବା ଭଳି ଅମୃତ ପିଲାଟି ଦିନରୁ ଜଣେ ମେଧାବୀ ଛାତ୍ର ଥିଲେ। କିନ୍ତୁ ତାଙ୍କ ବାପାଙ୍କ ଆର୍ଥିକ ଅବସ୍ଥା ସ୍ୱଛଳ ନଥିଲା। ଜଣେ ସାଧାରଣ ଶିକ୍ଷା ସହାୟକ ଭାବେ ମାସିକ ମାତ୍ର ୭ହଜାର ୨ଶହ ଟଙ୍କା ଦରମା ପାଉଥିବା ତାଙ୍କ ବାପାଙ୍କ ପକ୍ଷେ ପରିବାର ପ୍ରତିପୋଷଣ କରିବା ଅତ୍ୟନ୍ତ କଷ୍ଟକର ଥିଲା। ପୁଅ ଅମୃତ ପିଲାଟି ଦିନରୁ ସ୍ୱପ୍ନ ଦେଖିଥିଲା ଡାକ୍ତର ହେବା ପାଇଁ। ହେଲେ ପୁଅକୁ ପାଠ ପଢାଇବା ପାଇଁ ବାପାଙ୍କ ଆର୍ଥିକ ସମ୍ବଳ ନଥିଲା। ତେଣୁ ସେ ପୁଅ ପାଇଁ ସବୁବେଳେ ଚିନ୍ତିତ ଥିଲେ। ହେଲେ ପୁଅ ନିଜର ବାଗ୍ମିତା ପ୍ରତିପାଦନ କରିବାରେ ପଛଘୁ□ା ଦେଇନଥିଲା। କେନ୍ଦ୍ରାପଡା ସେଣ୍ଟ ଯୋଶେଫ ସ୍କୁଲରେ ୯୭.୩୩ ପ୍ରତିଶତ ମାର୍କ ରଖି ମାଟ୍ରିକ ପରୀକ୍ଷାରେ ଉତ୍ତିର୍ଣ୍ଣ ହୋଇଥିଲା। ଏହାପରେ ଭୁବନେଶ୍ୱର ୟଙ୍ଗ ଫନିକ ପବ୍ଲିକ ସ୍କୁଲରେ +୨ ଅଧ୍ୟୟନ କଲା। ସେଥିରେ ୯୫.୨୨ପ୍ରତିଶତ ନମ୍ବର ରଖି ନିଜ ବାଗ୍ମିତାର ପରିଚୟ ଦେଇଥିଲା। ଏହାପରେ ଡାକ୍ତରୀ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରିଥିଲା। ହେଲେ ଅର୍ଥ ଏକ ମୁଖ୍ୟ ପ୍ରତିବନ୍ଧକ ହୋଇ ଛିଡା ହୋଇଥିଲା। କୌଣସି ସୁତ୍ରରୁ ଅମୃତଙ୍କ ବାଗ୍ମିତା ସମ୍ପର୍କରେ ଖବର ପାଇଥିଲେ ତତକାଳୀନ କେନ୍ଦ୍ରାପଡା ଜିଲ୍ଲାପାଳ ଆଇ.ଏ.ଏସ. ସମର୍ଥ ବର୍ମା। ଅମୃତଙ୍କ ଡାକ୍ତରୀ ପାଠ୍ୟକ୍ରମ କୋଚିଂ ପାଇଁ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ କରିବେ ବୋଲି ପ୍ରତିଶୃତି ଦେଇଥିଲେ ଶ୍ରୀ ବର୍ମା। ଜିଲ୍ଲାପାଳଙ୍କ ଠାରୁ ପ୍ରତିଶୃତି ପାଇବା ପରେ ଅମୃତଙ୍କ ମୁହଁରେ ହସ ଫୁଟିଥିଲା। ଅମୃତ ଭୁବନେଶ୍ୱରର ଆଲେନ କ୍ୟାରିଅର ଇନଷ୍ଟିଚ୍ୟୁଟରେ ଡାକ୍ତରି ପାଠ୍ୟକ୍ରମର କୋଚିଂ ନେବାର ସମସ୍ତ ଖର୍ଚ୍ଚ ନିଜ ଦରମାରୁ ବହନ କରିଥିଲେ ପୂର୍ବତନ କେନ୍ଦ୍ରାପଡା ଜିଲ୍ଲାପାଳ ସମର୍ଥ ବର୍ମା। ଫଳରେ ଅମୃତ ଏହି ସଫଳତା ହାସଲ କରିବାରେ ସକ୍ଷମ ହୋଇଛନ୍ତି ବୋଲି ଗଣମାଧମକୁ ସୂଚନା ଦେଇଛନ୍ତି। ଏଥିସହ ପୂର୍ବତନ ଜିଲ୍ଲାପାଳ ଶ୍ରୀ ବର୍ମାଙ୍କ ନିକଟରେ ସେ ଚିର କୃତଜ୍ଞ ବୋଲି ତାଙ୍କ ପ୍ରତିକ୍ରୀୟାରେ କହିଛନ୍ତି ଅମୃତ।


# DISPLAY CLASSIFIED

FOR ADVERTISEMENT CONTACT

Phone No. (0674) 2555116/9853400829

Fax: (0674) 2550504

E-mail : paryabekhyak@gmail.com

editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)

10c.m.x 4cm: Rs. 350/- (One day)

5c.m.x 4cm: Rs. 5,000/- (One Month)

5c.m.x 4cm: Rs. 200/- (One day)

ADMISSION ON

MPS PLAY HOME

Where awareness nurtured, innocence blossoms.

For

PRE-NURSERY, NURSERY, L.K.G. & U.K.G.

N-3B-14/15, Ekamra Kanan Road,Nayapalli, BBSR

Tel : (0674) 2556225, 2558884, Fax : 2550504

Email : maharishipublicschool@yahoo.com

Web : www.maharishipublicschool.com

Mahaditya Publication

VED BHAWAN

Creating Peace, Progress & Prosperity

For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.

DO YOU NEED PUNDITS / ASTROLOGERS / VASTU EXPERTS ?

Contact :

Near Mukteswar Temple,

Sarbodaya Nagar, Puri.

N-3, B-14/15, MPS Campus, Nayapalli, Bhubaneswar

Ph. 0674-2550786, Fax : 0674-2550504

Email.: yagyaanusthan@sify.com

Pragyan Communication

ADMISSION ON

MAHARISHI PUBLIC SCHOOL

your gateway to complete education

For

PRE-NURSERY, NURSERY, L.K.G., U.K.G., Std-1 to Std-VIII

Baghra Road, Baripada

Tel-06792-255227

Email : maharishipublicschool@yahoo.com

Web : www.maharishipublicschool.com


## ଭୁବନେଶ୍ୱର ଜିଲ୍ଲା କଂଗ୍ରେସର ବ୍ଲକ ସଭାପତିବୃନ୍ଦଙ୍କ ଦାୟିତ୍ୱ ଗ୍ରହଣ

ଭୁବନେଶ୍ୱର (ପିଏନ୍)- ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟିର ସଭାପତି ଶ୍ରୀ ବିଶ୍ୱଜିତ ଦାଶଙ୍କ ପ୍ରସ୍ତାବକ୍ରମେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଂଜନ ପଟ୍ଟନାୟକ ଭୁବନେଶ୍ୱର ଅନ୍ତର୍ଗତ ୧୦ଟି ବ୍ଲକ ସଭାପତିଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି। ଏହି ୧୦ଟି ବ୍ଲକର ସଭାପତି ଭାବେ ସର୍ବଶ୍ରୀ ବ୍ଲକ -୧ ମନୋରନ ଜେନା, ବ୍ଲକ-୨ ଅଶୋକ କୁମାର ଦାସ, ବ୍ଲକ-୩ ବ୍ରହ୍ମାନନ୍ଦ ସାହୁ, ବ୍ଲକ-୪ ଅନୱର ଖାନ, ବ୍ଲକ-୫ ଦେବରାଜ ମିଶ୍ର, ବ୍ଲକ-୬ ଶ୍ରୀଧର ବଳିଆରସିଂ, ବ୍ଲକ-୭ ମିହିର ରନ ଆଚର୍ଯ୍ୟ, ବ୍ଲକ-୮ ମନୋରନ ବଟୁ, ବ୍ଲକ-୯- ସେକ୍ ଆଫତାବ ଅଲ୍ଲି, ବ୍ଲକ-୧୦ ଇନ୍ଦ୍ରଜିତ୍ ପରିଡ଼ା ପ୍ରମୁଖ ଦାୟିତ୍ୱ ଗ୍ରହଣ କରିଛିଁ। ଜିଲ୍ଲା ସଭାପତି ଶ୍ରୀ ଦାଶ କହିଛିଁ ଆଗାମୀ ଦିନରେ ବ୍ଲକ ସଭାପତିଙ୍କ ଜରିଆରେ ଭୁବନେଶ୍ୱରରେ ତୃଣମୂଳ ସ୍ତରରୁ କଂଗ୍ରେସ ସଂଗଠନକୁ ସୁଦୃଢ଼ କରାଯିବା ପାଇଁ ବିଭିନ୍ନ ଗଠନମୂଳକ ପଦକ୍ଷେପ ନିଆଯିବ।

## ହାତୀ ଚକଟି ଦେଲା ଯୁବକଙ୍କୁ

ଖୋର୍ଦ୍ଧା (ପିଏନ)-ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ରମ୍ଭାବିଲ ଗ୍ରାମରେ ଗୁରୁବାର ଦିନ ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ସୂଚନା ଅନୁଯାଇ ସଂପୃକ୍ତ ଗ୍ରାମର ଶରତ ଜେନା (୩୫) ଓରଫ ବାଘ ନିଜ ଗ୍ରାମକୁ ଫେରୁଥିବା ସମୟରେ ବଣୁଆ ଜଙ୍ଗଲି ହାତୀ ହାବୁଡରେ ପଡିଯାଇଥିଲେ । ଏହି ହାତୀ ଅତର୍କିତ ଭାବରେ ଆକ୍ରମଣ କରି ତାଙ୍କ ମୁହଁକୁ ଚକଟି ଦେବାରୁ ଘଟଣା ସ୍ଥଳରେ ମୃତ୍ୟୁବରଣ କରିଥିଲେ । ତାଙ୍କ ଚିତ୍କାର ଶୁଣି ଉଦ୍ଧାର କରିବା ପାଇଁ ସ୍ଥାନୀୟ ଲୋକମାନେ ହାତରେ ଠେଙ୍ଗା,ବାଡି ଓ ଲାଇଟ ଧରି ପହଂଚିଥିଲେ । ଖବର ପାଇ ଜଙ୍କିଆ ପୋଲିସ ଓ ଟାଙ୍ଗୀ ବନାଚଂଳ କର୍ମଚାରୀମାନେ ପହଂଚି ପ୍ରାଥମିକ ତଦନ୍ତ ଆରମ୍ଭ କରି କ୍ଷତିପୂରଣ ପାଇଁ ପ୍ରତିଶୃତି ପାଇବା ପରେ ଶବକୁ ବ୍ୟବଚ୍ଛେଦ ନିମନ୍ତେ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା।

# ଜିଲ୍ଲାସ୍ତରୀୟ ସୁନାମୀ ମକଡ୍ରିଲ ଅନୁଷ୍ଠିତ

ବାଲେଶ୍ୱର (ପିଏନ୍)-ବାଲେଶ୍ୱର ଜିଲ୍ଲା ସଦର ବ୍ଲକ ଜୟଦେବକସବା ପାହି ସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀରେ ଏକ ଜିଲ୍ଲାସ୍ତରୀୟ ସୁନାମୀ ମକଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି । ଏଥି ସହିତ ଜିଲ୍ଲାର ୫ଟି ସୁନାମୀପ୍ରବଣ ବ୍ଲକ ବାଲିଆପାଳ, ବାହାନଗା, ଭୋଗରାଇ, ରେମୁଣା ଓ ବାଲେଶ୍ୱର ସଦରର ୧୫ଟି ସ୍ଥାନରେ ମଧ୍ୟ ଏହି ମକଡ୍ରିଲ ଅନୁଷ୍ଠିତ ହୋଇଛି । ଇଣ୍ଡିଆନ ନ୍ୟାସନାଲ ସେଂଟର ଫର ଓସେନ ଇନଫରମେସନ ସର୍ଭିସେସ (ଇନକଏସ), ହାଇଦ୍ରାବାଦର ସହଯୋଗରେ ଆୟୋଜିତ ଏହି ମକଡ୍ରିଲରେ ସୁନାମୀ ବିପର୍ଯ୍ୟୟ ମୁକାବିଲା ପାଇଁ ରାଜ୍ୟ ଓ ଜିଲ୍ଲା ପ୍ରଶାସନର ପ୍ରାକ୍ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା ଏବଂ ଆକଳନ କରାଯାଇଥିଲା । ଆଜି ପୂର୍ବାହ୍ନ ୯ ଘଟିକା ୩୦ମିନିଟ୍ ସମୟରେ "ଇନକଏସ" ପକ୍ଷରୁ ଡମି ସତର୍କ ସନ୍ଦେଶ ମିଳିବା ପରେ ସ୍ଥାନୀୟ ଲୋକମାନଙ୍କୁ ପୂର୍ବରୁ ସ୍ଥିରୀକୃତ ହୋଇଥିବା ନିରାପଦ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିଲା । ଏହା ପରେ ଓଡ୍ରାଫ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀମାନଙ୍କ ପକ୍ଷରୁ ବିଭିନ୍ନ ଉଦ୍ଧାର କୌଶଳ ପ୍ରଦର୍ଶନ କରାଯିବା ସହ ଜନସାଧାରଣଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଥିଲା । ସୁନାମୀ ସତର୍କ ସୂଚନା ମିଳିବା ପରେ ସ୍ଥାନୀୟ ଜନସାଧାରଣ କିପରି ନିଜ ହାତପାଆନ୍ତାରେ ଥିବା ବିଭିନ୍ନ ଉପକରଣକୁ ବ୍ୟବହାର କରି ଧନଜୀବନ, ଗୃହପାଳିତ ପଶୁଙ୍କ ଜୀବନ ରକ୍ଷା ସହ ନିଜକୁ ସୁରକ୍ଷିତ ରଖିପାରିବେ ସେ ସମ୍ପର୍କରେ ସେମାନଙ୍କୁ ସୂଚନା ଦିଆଯାଇଥିଲା । ସେହିପରି ଆସନ୍ନପ୍ରସବା, ପ୍ରସୂତି ଏବଂ ଦିବ୍ୟାଙ୍ଗ ବ୍ୟକ୍ତିଙ୍କର ଏହି ସମୟରେ କିଭଳି ଉପଯୁକ୍ତ ଯତ୍ନ ନିଆଯାଇ ସେମାନଙ୍କୁ ସୁରକ୍ଷିତ ଭାବେ ନିରାପଦ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇପାରିବ ସେ ସମ୍ପର୍କିତ କୌଶଳ ପ୍ରଦର୍ଶନ କରାଯାଇଥିଲା । ଏହା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିବା ନେଇ ଇନକଏସ ଦ୍ୱାରା ବାର୍ତ୍ତା ଜାରି କରାଯିବା ପରେ ଜନସାଧାରଣଙ୍କୁ ସେମାନଙ୍କ ଗୃହକୁ ପ୍ରତ୍ୟାବର୍ତ୍ତନ ପାଇଁ ଅନୁମତି ଦିଆଯାଇଥିଲା । ଜୟଦେବକସବା ପାହି ବାତ୍ୟା ଆଶ୍ରୟସ୍ଥଳୀରେ ଅନୁଷ୍ଠିତ ମକଡ୍ରିଲରେ ଓଡ୍ରାଫ ଓ ଅଗ୍ନିଶମ ବିଭାଗ ର ଅଧିକାରୀ ଓ କର୍ମଚାରୀମାନଙ୍କ ସମେତ ଅନ୍ୟାନ୍ୟ ଅନୁଷ୍ଠାନର କର୍ମକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ । ଓଡ୍ରାଫ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନେ ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟରେ ବ୍ୟବହୃତ ହେଉଥିବା ବିଭିନ୍ନ ଉପକରଣ ପ୍ରଦର୍ଶନ କରିବା ସହିତ ସେ ଗୁଡିକର କାର୍ଯ୍ୟକ୍ଷମତା ବାବଦରେ ଅବଗତ କରାଇଥିଲେ । ଓସଡାମା (ଙଝଡଗଇ) ସହଯୋଗରେ ଅନୁଷ୍ଠିତ ଏହି ମକଡ୍ରିଲରେ ସ୍ଥାନୀୟ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଜିଲ୍ଲାସ୍ତରୀୟ ମକଡ୍ରିଲ କାର୍ଯ୍ୟକ୍ରମରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ରିଜୱାନା କଅକବ, ବାଲେଶ୍ୱର ସଦର ବ୍ଲକ ବିଡିଓ ନରେନ୍ଦ୍ର ଖମାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ "ସମ୍ପର୍କ"ର କର୍ମକର୍ତ୍ତା ଯୋଗ ଦେଇ ଏହି ମକଡ୍ରିଲର ଉପଯୋଗିତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଜିଲ୍ଲା ପ୍ରକଳ୍ପ ସଂଯୋଜକ(ଓସଡାମା) ଶ୍ରୀ ଅବନୀକାନ୍ତ ଭୂୟାଁ, ଓଡ୍ରାଫ୍ ଓ ଅଗ୍ନିଶମ ବିଭାଗୀୟ ଅଧିକାରୀ, କର୍ମଚାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଗୋଚର ଜମିରେ ବେଆଇନ ବର୍ଜ୍ୟବସ୍ତୁ ପ୍ଲାଣ୍ଟ ନିର୍ମାଣ ବନ୍ଦ ପାଇଁ ଦାବି

ବ୍ରହ୍ମପୁର (ପିଏନ୍) : ଗୋ ବଂଶର ସମୃଦ୍ଧି ନିମନ୍ତେ ଆବହମାନ କାଳରୁ ସବୁ ଗ୍ରାମମାନଙ୍କରେ ଗୋଚର ଜମି ରହିଆସିଛି। ଅପରପକ୍ଷରେ ହିଞ୍ଜିଳି ବ୍ଲକ ଅନ୍ତର୍ଗତ ଗଣ୍ଡଲା ପଞ୍ଚାୟତର ପଳାସି ଗ୍ରାମରେ ଥିବା ଗୋଚର ଜମିରେ ବ୍ଲକ ପ୍ରଶାସନ ପକ୍ଷରୁ ବେଆଇନ ଭାବେ ଏକ ବର୍ଜ୍ୟବସ୍ତୁ ପ୍ଲାଣ୍ଟ ନିର୍ମାଣ କରାଯାଉଥିବାର ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହା ବେଆଇନ ଦର୍ଶାଇ ଓଡ଼ିଶା ଚାଷୀ ସୁରକ୍ଷା ଅଭିଯାନର ଆବାହକ ରବି ରଥ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପ୍ରକାଶଥାଉକି, ଏହି ଗୋଚର ଜମିର ଖାତା ନଂ-୩୧୧ ଓ ପ୍ଲଟ ନଂ ୧୪୫୦/୧ ହୋଇଥିବା ବେଳେ କୌଣସି ଗୋଚର ଜମିରେ ନିର୍ମାଣ କାମ କରିବା ଆଇନ ବିରୋଧୀ କାର୍ଯ୍ୟ ବୋଲି ସୁପ୍ରିମକୋର୍ଟର ନିର୍ଦ୍ଦେଶନାମା ରହିଥିବା ବେଳେ ଏହା କିପରି କରାଯାଉଛି ତାହା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି। ଏହାକୁ ତୁରନ୍ତ ବନ୍ଦ କରିବା ପାଇଁ ଆବାହକ ଶ୍ରୀ ରଥ ଦାବି କରିଛନ୍ତି। ପୂର୍ବରୁ ଏ ସମ୍ପର୍କରେ ଋଷିକୁଲ୍ୟା ରୟତ ମହାସଭା ସମ୍ପାଦକ ସୀମାଞ୍ଚଳ ନାହାକ ଉପରୋକ୍ତ ବେଆଇନ ନିର୍ମାଣ କାର୍ଯ୍ୟ ବନ୍ଦ ପାଇଁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ପଦକ୍ଷେପ ନିଆଯାଇନାହିଁ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ କୌଣସି ଗୋଚର ଜମିର କିସମ ଆଦୌ ପରିବର୍ତ୍ତନ କରାଯାଇପାରିବ ନାହିଁ। ତେଣୁ ଏଠାରେ କୌଣସି ନିର୍ମାଣ କାର୍ଯ୍ୟ ନିଷିଦ୍ଧ ଅଟେ। ଏହା ସତ୍ତ୍ୱେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି ପଳାସି ଗ୍ରାମରେ ବେଆଇନ ବର୍ଜ୍ୟବସ୍ତୁ ପ୍ଲାଣ୍ଟ ନିର୍ମାଣ କରାଯାଉଥିବାରୁ ଚାଷୀ ସୁରକ୍ଷା ଅଭିଯାନ ଆବାହକ ଶ୍ରୀ ରଥ ଏ ସମ୍ପର୍କରେ ଗଞ୍ଜାମ ଜିଲ୍ଲାପାଳ, ଉପଜିଲ୍ଲାପାଳ ଛତ୍ରପୁର, ହିଞ୍ଜିଳିକାଟୁ ବିଡିଓ ଏବଂ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାନଗଲେ ଚାଷୀ ସଂଗଠନ ପକ୍ଷରୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।




# ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଓ ତାଙ୍କର ଘନିଷ୍ଠ ସହଯୋଗୀ ମାନଙ୍କର କଲରେକର୍ଡର୍ସ ଯାଂଚ କରାଯାଉ : ଭକ୍ତଦାସ



ଭୁବନେଶ୍ୱର, (ପି.ଏନ): ଆଜି ପୂର୍ବାହ୍ନରେ ପ୍ରଦେଶ କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସର ବରିଷ୍ଠ ନେତା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଓ ଅଧୁନା ବିହାର ଓ ମିଜୋରାମ ପ୍ରଦେଶର ପ୍ରଭାରୀ ଶ୍ରୀ ଭକ୍ତଚରଣ ଦାସ ଯୋଗଦେଇ ମମିତା ମେହେର ହତ୍ୟାକାଣ୍ଡର ତଦନ୍ତର ଦିଗ ଓ ଏଥିରେ ଗୃହ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କର ସଂପୃକ୍ତି ନେଇ ଅନେକ ତଥ୍ୟ ଖୁଲାସା କରିବା ସହ ମନ୍ତ୍ରୀଙ୍କର ସେ ସମୟର ସମସ୍ତ ଗସ୍ତ କାର୍ଯ୍ୟକ୍ରମର ସୂଚୀ ଓ ତାଙ୍କ ଡ୍ରାଇଭର, ପିଏ ଏବଂ ଅନ୍ୟାନ୍ୟ କେତେଜଣ ଘନିଷ୍ଠ ବନ୍ଧୁମାନଙ୍କର ଫୋନ୍‌କଲ ରେଜିଷ୍ଟରକୁ ସରକାର ଯାଂଚ କରନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ଯଦିଓ ମହାଲିଙ୍ଗ କଲେଜ କଳାହାଣ୍ଡି ଜଲ୍ଲାରେ ଏକ ଅଗ୍ରଣୀ ଅନୁଷ୍ଠାନ ସେଥିରେ ଶ୍ରୀ ଦାସ ଏମ୍‌ପି ଥିଲା ବେଳେ ତାଙ୍କର ଆଂଚଳିକ ପାଣ୍ଠିରୁ ଅର୍ଥ ସାହାଯ୍ୟ କରିବା ସହ ଚାରି ଚାରି ଥର କଲେଜରେ ବାର୍ଷିକ ଉତ୍ସବରେ ଯୋଗଦେଇଥିବାର ସ୍ୱୀକାରୋକ୍ତି କରିଥିଲେ। କିନ୍ତୁ ପରେ ମନ୍ତ୍ରୀ ଦିବ୍ୟଶଙ୍କର ଏଭଳି ଏକ ଅନୁଷ୍ଠାନକୁ ଏକ ରଙ୍ଗଶାଳାରେ ପରିଣତ କରିବା ତାଙ୍କୁ ବ୍ୟଥିତ ଓ ଆଶ୍ଚର୍ଯ୍ୟ ଚକିତ କରିଛି ବୋଲି ଶ୍ରୀ ଦାସ ସାମ୍ବାଦିକ ମାନଙ୍କୁ କହିଥିଲେ। ମନ୍ତ୍ରୀ ମମିତା ନିଖୋଜ ପୂର୍ବରୁ ଏବଂ ମମିତା ନିଖୋଜ ପରେ କେଉଁ କେଉଁ ଯାଗାକୁ ଗ୍ରସ୍ତ କରିଥିଲେ ଏବଂ ସେ ଗ୍ରସ୍ତ ସମୟରେ ତାଙ୍କର ରାୟପୁର ନିବାସକୁ ଯାଇଥିଲେ କି ନାହିଁ ଏବଂ ଯଦି ଯାଇଥିଲେ ତାଙ୍କ ସାଂଗରେ ଆଉ କିଏ କିଏ ଯାଇଥିଲେ ଏହାର ସୂଚୀ ଶୀଘ୍ର ରାଜ୍ୟ ସରକାର ସାର୍ବଜନୀନ କରନ୍ତୁ ବୋଲି ଦାବି କରିଥିଲେ। ଗତକାଲି କଂଗ୍ରେସର ଶାନ୍ତିପୂର୍ଣ୍ଣ ହରତାଳକୁ ଯେଉଁଳି ଭାବେ ରାଜ୍ୟ ସରକାର ଭଣ୍ଡୁର କରିବାପାଇଁ ପୋଲିସ ବାହୀନିକୁ ଗୁଣ୍ଡାଭଳି ବ୍ୟବହାର କଲେ ଏହା ଭାରତର ଗଣତାନ୍ତ୍ରିକ ଇତିହାସରେ ଏକ କଳାଦାଗ ବୋଲି ସେ ଅଭିହିତ କରିଥିଲେ। ବରଗଡ଼ରେ ଛାତ୍ରଙ୍କ ଉପରେ ପୋଲିସର ଲାଠିମାଡ଼, ଭୁବନେଶ୍ୱର ମାଷ୍ଟରକ୍ୟାଂଟିନ ଛକରେ ଛାତ୍ରମାନଙ୍କ ର୍ୟାଲି ଉପରେ ପୋଲିସ ଅତର୍କିତ ଗାଡ଼ି ଚଢ଼ାଇଦେବାର ପ୍ରୟାସ ଏହାର ନମୁନା ବୋଲି ଶ୍ରୀ ଦାସ ଅଭିହିତ କରିଥିଲେ। ଆଗାମୀ ଦିନରେ ଓଡ଼ିଶାର ମା’ ଭଉଣୀମାନଙ୍କର ସୁରକ୍ଷା ଏବଂ ମର୍ଯ୍ୟାଦା ପାଇଁ କଂଗ୍ରେସ ଦଳ ସାଧାରଣ ଜନତାଙ୍କ ନିକଟରେ ପଂହଚି ଜନମତ ସଂଗ୍ରହ କରିବା ସହ ସରକାରଙ୍କ ବିରୋଧରେ ଏକ ଦୃଢ଼ ଆନ୍ଦୋଳନ କରିବ ବୋଲି ଶ୍ରୀ ଦାସ ଚେତାଇ ଦେଇଥିଲେ। ଗଣତନ୍ତ୍ରକୁ ସୁରକ୍ଷା ଓ ସମ୍ମାନ ଜଣାଇ ମୁଖ୍ୟମନ୍ତ୍ରୀ ଯଥାଶୀଘ୍ର ଗୃହ ରାଷ୍ଟ୍ର ମନ୍ତ୍ରୀଙ୍କୁ ବହିଷ୍କାର କରିବା ସହ ମମିତା ମେହେର ହତ୍ୟାକାଣ୍ଡର ଏକ ଉଚ୍ଚସ୍ତରୀୟ ନ୍ୟାୟିକ ତଦନ୍ତ ପୂର୍ବକ ଏହାର ସତ୍ୟାସତ୍ୟ ନିର୍ଣ୍ଣୟ କରିବାପାଇଁ ଶ୍ରୀ ଦାସ ଦୃଢ଼ ଦାବି ଉପସ୍ଥାପନ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେର ବରିଷ୍ଠ ଉପସଭାପତି ଶ୍ରୀ ଯଜ୍ଞେଶ୍ୱର ବାବୁ, ରାଜ୍ୟ ପଛୁଆବର୍ଗ ବିଭାଗର ଅଧ୍ୟକ୍ଷ ଶ୍ରୀ ଜ୍ଞାନଦେବ ବେଉରା, ମୁଖପାତ୍ର ମନୋଜ ମହାପାତ୍ର, ପଦ୍ମାକର ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।


# ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଓ ତାଙ୍କର ଘନିଷ୍ଠ ସହଯୋଗୀ ମାନଙ୍କର କଲରେକର୍ଡର୍ସ ଯାଂଚ କରାଯାଉ : ଭକ୍ତଦାସ





ଭୁବନେଶ୍ୱର, (ପି.ଏନ): ଆଜି ପୂର୍ବାହ୍ନରେ ପ୍ରଦେଶ କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସର ବରିଷ୍ଠ ନେତା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଓ ଅଧୁନା ବିହାର ଓ ମିଜୋରାମ ପ୍ରଦେଶର ପ୍ରଭାରୀ ଶ୍ରୀ ଭକ୍ତଚରଣ ଦାସ ଯୋଗଦେଇ ମମିତା ମେହେର ହତ୍ୟାକାଣ୍ଡର ତଦନ୍ତର ଦିଗ ଓ ଏଥିରେ ଗୃହ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କର ସଂପୃକ୍ତି ନେଇ ଅନେକ ତଥ୍ୟ ଖୁଲାସା କରିବା ସହ ମନ୍ତ୍ରୀଙ୍କର ସେ ସମୟର ସମସ୍ତ ଗସ୍ତ କାର୍ଯ୍ୟକ୍ରମର ସୂଚୀ ଓ ତାଙ୍କ ଡ୍ରାଇଭର, ପିଏ ଏବଂ ଅନ୍ୟାନ୍ୟ କେତେଜଣ ଘନିଷ୍ଠ ବନ୍ଧୁମାନଙ୍କର ଫୋନ୍‌କଲ ରେଜିଷ୍ଟରକୁ ସରକାର ଯାଂଚ କରନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ଯଦିଓ ମହାଲିଙ୍ଗ କଲେଜ କଳାହାଣ୍ଡି ଜଲ୍ଲାରେ ଏକ ଅଗ୍ରଣୀ ଅନୁଷ୍ଠାନ ସେଥିରେ ଶ୍ରୀ ଦାସ ଏମ୍‌ପି ଥିଲା ବେଳେ ତାଙ୍କର ଆଂଚଳିକ ପାଣ୍ଠିରୁ ଅର୍ଥ ସାହାଯ୍ୟ କରିବା ସହ ଚାରି ଚାରି ଥର କଲେଜରେ ବାର୍ଷିକ ଉତ୍ସବରେ ଯୋଗଦେଇଥିବାର ସ୍ୱୀକାରୋକ୍ତି କରିଥିଲେ। କିନ୍ତୁ ପରେ ମନ୍ତ୍ରୀ ଦିବ୍ୟଶଙ୍କର ଏଭଳି ଏକ ଅନୁଷ୍ଠାନକୁ ଏକ ରଙ୍ଗଶାଳାରେ ପରିଣତ କରିବା ତାଙ୍କୁ ବ୍ୟଥିତ ଓ ଆଶ୍ଚର୍ଯ୍ୟ ଚକିତ କରିଛି ବୋଲି ଶ୍ରୀ ଦାସ ସାମ୍ବାଦିକ ମାନଙ୍କୁ କହିଥିଲେ। ମନ୍ତ୍ରୀ ମମିତା ନିଖୋଜ ପୂର୍ବରୁ ଏବଂ ମମିତା ନିଖୋଜ ପରେ କେଉଁ କେଉଁ ଯାଗାକୁ ଗ୍ରସ୍ତ କରିଥିଲେ ଏବଂ ସେ ଗ୍ରସ୍ତ ସମୟରେ ତାଙ୍କର ରାୟପୁର ନିବାସକୁ ଯାଇଥିଲେ କି ନାହିଁ ଏବଂ ଯଦି ଯାଇଥିଲେ ତାଙ୍କ ସାଂଗରେ ଆଉ କିଏ କିଏ ଯାଇଥିଲେ ଏହାର ସୂଚୀ ଶୀଘ୍ର ରାଜ୍ୟ ସରକାର ସାର୍ବଜନୀନ କରନ୍ତୁ ବୋଲି ଦାବି କରିଥିଲେ। ଗତକାଲି କଂଗ୍ରେସର ଶାନ୍ତିପୂର୍ଣ୍ଣ ହରତାଳକୁ ଯେଉଁଳି ଭାବେ ରାଜ୍ୟ ସରକାର ଭଣ୍ଡୁର କରିବାପାଇଁ ପୋଲିସ ବାହୀନିକୁ ଗୁଣ୍ଡାଭଳି ବ୍ୟବହାର କଲେ ଏହା ଭାରତର ଗଣତାନ୍ତ୍ରିକ ଇତିହାସରେ ଏକ କଳାଦାଗ ବୋଲି ସେ ଅଭିହିତ କରିଥିଲେ। ବରଗଡ଼ରେ ଛାତ୍ରଙ୍କ ଉପରେ ପୋଲିସର ଲାଠିମାଡ଼, ଭୁବନେଶ୍ୱର ମାଷ୍ଟରକ୍ୟାଂଟିନ ଛକରେ ଛାତ୍ରମାନଙ୍କ ର୍ୟାଲି ଉପରେ ପୋଲିସ ଅତର୍କିତ ଗାଡ଼ି ଚଢ଼ାଇଦେବାର ପ୍ରୟାସ ଏହାର ନମୁନା ବୋଲି ଶ୍ରୀ ଦାସ ଅଭିହିତ କରିଥିଲେ। ଆଗାମୀ ଦିନରେ ଓଡ଼ିଶାର ମା’ ଭଉଣୀମାନଙ୍କର ସୁରକ୍ଷା ଏବଂ ମର୍ଯ୍ୟାଦା ପାଇଁ କଂଗ୍ରେସ ଦଳ ସାଧାରଣ ଜନତାଙ୍କ ନିକଟରେ ପଂହଚି ଜନମତ ସଂଗ୍ରହ କରିବା ସହ ସରକାରଙ୍କ ବିରୋଧରେ ଏକ ଦୃଢ଼ ଆନ୍ଦୋଳନ କରିବ ବୋଲି ଶ୍ରୀ ଦାସ ଚେତାଇ ଦେଇଥିଲେ। ଗଣତନ୍ତ୍ରକୁ ସୁରକ୍ଷା ଓ ସମ୍ମାନ ଜଣାଇ ମୁଖ୍ୟମନ୍ତ୍ରୀ ଯଥାଶୀଘ୍ର ଗୃହ ରାଷ୍ଟ୍ର ମନ୍ତ୍ରୀଙ୍କୁ ବହିଷ୍କାର କରିବା ସହ ମମିତା ମେହେର ହତ୍ୟାକାଣ୍ଡର ଏକ ଉଚ୍ଚସ୍ତରୀୟ ନ୍ୟାୟିକ ତଦନ୍ତ ପୂର୍ବକ ଏହାର ସତ୍ୟାସତ୍ୟ ନିର୍ଣ୍ଣୟ କରିବାପାଇଁ ଶ୍ରୀ ଦାସ ଦୃଢ଼ ଦାବି ଉପସ୍ଥାପନ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେର ବରିଷ୍ଠ ଉପସଭାପତି ଶ୍ରୀ ଯଜ୍ଞେଶ୍ୱର ବାବୁ, ରାଜ୍ୟ ପଛୁଆବର୍ଗ ବିଭାଗର ଅଧ୍ୟକ୍ଷ ଶ୍ରୀ ଜ୍ଞାନଦେବ ବେଉରା, ମୁଖପାତ୍ର ମନୋଜ ମହାପାତ୍ର, ପଦ୍ମାକର ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।


# ଅକ୍ଷୟ ଶକ୍ତି ଉପରେ ସହଯୋଗ ପାଇଁ ଇଣ୍ଡିଆନ୍ ଓଏଲ୍ NTPC ସହିତ ଏକ ଏମଓୟୁ ଇନ୍ସ୍ କରେ




ନୂଆଦିଲ୍ଲୀ: ଅକ୍ଷୟ ଶକ୍ତି କ୍ଷେତ୍ରରେ ସହଯୋଗ ଏବଂ ପାରସ୍ପରିକ ଅନୁସନ୍ଧାନ ପାଇଁ ଇଣ୍ଡିଆନ୍ ଓଏଲ୍ ଏବଂ ଏନଟିପିସି ଏକ ବୁ ଗରଜ୍ଞ । ମଣାପତ୍ର ସ୍ୱାକ୍ଷର କରିଛି । ଆଜି ନୂଆଦିଲ୍ଲୀରେ ଶ୍ରୀମନ୍ଦିର ମାଧବ ବ ସୟ ଦ୍ୟ, ଚେୟାରମ୍ୟାନ୍ ଇଣ୍ଡିଆନ୍ ଓଏଲ୍ ତଥା ପରିଚ୍ାଳନା ନିର୍ଦ୍ଦେଶକ ଶ୍ରୀ ଗୁରୁଦୀପ ସିଂ, ଏନ୍.ଟି.ପି. ଏହି ଅବସରରେ ମଧ ଉପସ୍ଥିତ ଥିଲେ । ନବୀକରଣ ଯୋଗ୍ୟ ଶକ୍ତି ଲକ୍ଷ୍ୟ ହାସଲ କରିବା ଏବଂ ଗ୍ରୀନ୍‌ହାଉସ୍ ଗ୍ୟାସ୍ ନିର୍ଗମନକୁ ହ୍ରାସ କରିବା ପାଇଁ ଦେଶର ପ୍ରତିବଦ୍ଧତାକୁ ସମର୍ଥନ କରିବା ପାଇଁ ଭାରତର ଦୁଇ ପ୍ରମୁଖ ପବ୍ଲିକ୍ ସେକ୍ଟର ଏନର୍ଜି ମେଜର୍ ଦ୍ୱାରା ଏହା ହେଉଛି ପ୍ରଥମ ପ୍ରକାରର ପଦକ୍ଷେପ । ଏହି ଅବସରରେ ଉଦବୋଧନ ଦେଇ ଇଣ୍ଡିଆନଏଲ୍ ର ଅଧ୍ୟକ୍ଷ ଶ୍ରୀକାନ୍ତ ମାଧବ ବ ସୟ ଦ୍ୟ କହିଛନ୍ତି ଯେ ଏକ ବିଶ୍ ରଭରକ୍ୱଶଜ୍ଞ ଶକ୍ତି ପ୍ରମୁଖ ଭାବରେ ପରିବେଶ ପ୍ରାଥମିକତାକୁ ଇଣ୍ଡିଆନ୍ ଓଏଲର ପ୍ରତ୍ୟେକ ବ୍ୟବସାୟିକ ଦିଗରେ ବାନ୍ଧି ରଖାଯାଉଛି ଏବଂ ବର୍ତ୍ତମାନ ଆମେ ନୂତନ ପ୍ରକଳ୍ପ ଏବଂ ବିଶୋଧନାଗାରକୁ ଶକ୍ତି ଦେବା ପାଇଁ ସବୁଜ ଶକ୍ତି ବ୍ୟବହାର କରିବାକୁ ଇଚ୍ଛା କରୁଛୁ। ବିସ୍ତାର ସିଏମଡି, ଏନଟିପିସି ଶ୍ରୀ ଗୁରୁଦୀପ ସିଂ କହିଛନ୍ତି, ନବୀକରଣ ଯୋଗ୍ୟ ଶକ୍ତି ଉତ୍ସଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ କ୍ଷମତା ଯୋଗ କରି ଏନଟିପିସି ଏହାର ଶକ୍ତି ପୋର୍ଟଫୋଲିଓକୁ ସବୁଜ କରିବା ପାଇଁ ବିଭିନ୍ନ ପଦକ୍ଷେପ ନେଉଛି ଏବଂ ୨୦୩୨ ସୁଦ୍ଧା ନବୀକରଣ ଯୋଗ୍ୟ ଉତ୍ସ ମାଧ୍ୟମରେ ୬୦ଏଡ କ୍ଷମତା ରଖିବାକୁ ଯୋଜନା କରିଛି, ଯାହାକି ଏହାର ପ୍ରାୟ ୪୫% ଗଠନ କରିବ। ସାମଗ୍ରିକ ଶକ୍ତି ଉତ୍ପାଦନ କ୍ଷମତା । ଇଣ୍ଡିଆନ୍ ଓଏଲ୍ ଏବଂ ଏନଟିପିସି ଅକ୍ଷୟ ଶକ୍ତି କିମ୍ବା ଅନ୍ୟାନ୍ୟ କ୍ଲିନର୍ ଶକ୍ତି ଉତ୍ପାଦନ ଏବଂ ସଂରକ୍ଷଣ ପାଇଁ ଏକତ୍ରିତ ହୋଇଛି, ଗ୍ୟାସ୍ ଆଧାରିତ ଶକ୍ତି ସହିତ ମୁଖ୍ୟତ Indian ଇଣ୍ଡିଆନ୍ ଓଏଲ୍ ରିଫାଇନାରୀ କିମ୍ବା ଅନ୍ୟାନ୍ୟ ସ୍ଥାପନ ପାଇଁ ବିଶୋଧନାଗାର କାର୍ଯ୍ୟ ପାଇଁ ସ Indian ର, ପବନ ଇତ୍ୟାଦି ସହିତ ଅକ୍ଷୟ ଶକ୍ତିର ପୋର୍ଟଫୋଲିଓକୁ ମାପ କରିବାକୁ ଇଣ୍ଡିଆନ୍ ଓଏଲ୍ ଯୋଜନା କରିଛି, ଯାହା environmental ପରିବେଶ ସ୍ଥିରତା ଏବଂ କାର୍ବନ ପାଦଚିହ୍ନ ହ୍ରାସ ପ୍ରତି ପ୍ରତିବଦ୍ଧତାକୁ ନିଶ୍ଚିତ କରିବ। ଇଣ୍ଡିଆନ୍ ଓଏଲ୍ ଏହାର ରିଫାଇନାରୀରେ ନୂତନ ପ୍ରକଳ୍ପଗୁଡିକ ପାଇଁ ୮୫% ଶକ୍ତି ଆବଶ୍ୟକତାକୁ ମୁଖ୍ୟତ ଲଙ୍କସ୍ୱଙ୍କକ୍ୱର ନିକଟ ଭବିଷ୍ୟତରେ ନବୀକରଣଯୋଗ୍ୟ ଉତ୍ସରୁ ପୂରଣ କରିବାକୁ ଯୋଜନା କରିଛି । ସମସ୍ତ ରିଫାଇନାରୀରେ ପ୍ରାକୃତିକ ଗ୍ୟାସର ବ୍ୟବହାର, ଇଥାନଲ ମିଶ୍ରିତ ମୋଟର ସ୍ପିରିଟ୍, ସଙ୍କୁଚିତ ବାୟୋଗ୍ୟାସ୍ (ସିବିଜି) ବିକ୍ରୟ ଏବଂ ଫିଡଷ୍ଟକ୍ ଭାବରେ ରନ୍ଧନ ତେଲ ବ୍ୟବହାର କରି ବାୟୋଡିଜେଲ୍ ଉତ୍ପାଦନ ସହିତ ଏକାଧିକ ସବୁଜ ପଦକ୍ଷେପ ମାଧ୍ୟମରେ ଭାରତର ସ୍ଥାୟୀ ପ୍ରତିବଦ୍ଧତାକୁ ଇଣ୍ଡିଆନ୍ ଓଏଲ୍ ଭଲ ଭାବରେ ପ୍ରସ୍ତୁତ କରିଛି । ଇଣ୍ଡିଆନ୍ ଓଏଲ୍ ର ଆର ଆଣ୍ଡ ଡି ଟିମ୍ ସ ବକ୍ସ ର ଶକ୍ତି, ସ ବକ୍ସ ର ତାପଜ ଏବଂ ସ ବକ୍ସ ର ହାଇଡ୍ରୋଜେନ କ୍ଷେତ୍ରରେ ବିଭିନ୍ନ ପାଇଲଟ୍ ପ୍ରକଳ୍ପ ଗ୍ରହଣ କରିଛି ଏବଂ ଭାରତ ସରକାରଙ୍କ ଜାତୀୟ ଗ୍ରୀନ୍ ହାଇଡ୍ରୋଜେନ୍ ମିଶନ୍ ଅଧୀନରେ ଭାରତର ଅଗ୍ରଭାଗକୁ ଆଗେଇ ନେଇଛି।

## ବରଗଡ ହାଜତ ମୃତ୍ୟୁ : ନ୍ୟାୟ ଆଶାରେ ଥିବା ରୁବି କୁମ୍ଭାରଙ୍କୁ ପ୍ରଲୋଭିତ କରୁଛି ପୋଲିସ୍ : ବିଜେପି

ଭୁବନେଶ୍ୱର, (ପି.ଏନ): ବରଗଡ ଜିଲ୍ଲା ତୋରା ଗ୍ରାମର ଗୋବିନ୍ଦ କୁମ୍ଭାରଙ୍କୁ ଗୋଟିଏ ଘଟଣାର ସାକ୍ଷୀ ଭାବେ ତାଙ୍କୁ ଆଣି ହାଜତରେ ରଖିଥିବାବେଳେ ପୋଲିସର ମାଡରେ ତାଙ୍କର ମୃତ୍ୟୁ ଘଟିଥିଲା । ମୃତ ଗୋବିନ୍ଦଙ୍କ ବିଧବା ପତ୍ନୀ ରୁବି କୁମ୍ଭାରଙ୍କ ଏତଲାକୁ ଗ୍ରହଣ ନକରି ଫେରାଇ ଦେଇଥିଲା ପୋଲିସ୍ । ମାସେରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥରଲେ ହେଁ ନ୍ୟାୟ ପାଇବା ଆଶାରେ ରୁବି କୁମ୍ଭାର ଲଢେଇ ଜାରୀ ରଖିଛନ୍ତି । ରୁବି କୁମ୍ଭାର ଘଟଣାର ତଦନ୍ତ ସିବିଆଇ ଦ୍ୱାରା କରାଇବାକୁ ଦାବୀ ମଧ କରିଛନ୍ତି । ଦଳିତ, ଗରୀବ ଓ ବିଧବା ରୁବି କୁମ୍ଭାର ନ୍ୟାୟ ପାଇବା ଆଶାରେ ମୁଖ୍ୟମନ୍ତ୍ରୀଙ୍କୁ ବାରମ୍ବାର ଅନୁରୋଧ କରିଛନ୍ତି । ପୋଲିସ କିମ୍ବା ପ୍ରଶାସନ ରୁବିଙ୍କ ଦାବୀକୁ ବାରମ୍ବାର ଅଣଦେଖା କରିବାରୁ ସେ ଆସନ୍ତା କାଲି ମୁଖ୍ୟମନ୍ତ୍ରୀଙ୍କ ବରଗଡ ଗସ୍ତ ଅବସରରେ ଦେଖା କରି ନ୍ୟାୟ ଭିକ୍ଷା ପାଇଁ ଅନୁରୋଧ କରିବାକୁ ନିଷ୍ପତି ନେଇଥିଲେ । ମାତ୍ର ହାଜତ ମୃତ୍ୟୁ ପ୍ରସଙ୍ଗରେ ଚୁପ୍ ରହିବା ପାଇଁ ଜିଲ୍ଲା ଏସପି ତାଙ୍କୁ ପ୍ରବର୍ତାଉଥିବାର ରୁବି କୁମ୍ଭାରଙ୍କ ସଂଗୀନ ଅଭିଯୋଗ ଆଜି ପୁଣି ପୋଲିସର ବିଶ୍ୱସନୀୟତା ଉପରେ ସିଧାସଳଖ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏସପି ରୁବିଙ୍କୁ ଅର୍ଥ, ଚାକିରୀ ଓ ପିଲାମାନଙ୍କ ପାଠପଢାର ପ୍ରଲୋଭନ ଦେଇ ଚୁପ୍ ରହିବାକୁ କହିବା ଅତ୍ୟନ୍ତ ଲଜ୍ଜାଜନକ ବୋଲି ରାଜ୍ୟ ବିଜେପି ସାଧାରଣ ସଂପାଦକ ଗୋଲକ ମହାପାତ୍ର କହିଛନ୍ତି । ଗୋବିନ୍ଦ କୁମ୍ଭାରଙ୍କ ବିଧବା ପତ୍ନୀ ରୁବି କୁମ୍ଭାରଙ୍କୁ ନ୍ୟାୟ ପ୍ରଦାନ କରିବେ ନା ଏସପିଙ୍କୁ ପୁରସ୍କୃତ କରିବେ, ତାହା ମୁଖ୍ୟମନ୍ତ୍ରୀ ଆସନ୍ତା କାଲିର ବରଗଡ ଜିଲ୍ଲା ଗସ୍ତ ପୂର୍ବରୁ ସ୍ପଷ୍ଟ କରିବାକୁ ଶ୍ରୀ ମହାପାତ୍ର ଦାବୀ କରିଛନ୍ତି ।

# ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଓ ଆପୋଲୋ ହସ୍ପିଟାଲ୍‌ର ମିଳିତ ପ୍ରୟାସରେ ଡ଼ିଜିଟାଲ ହେଲଥ୍ ସେବା ‘ଦି ହେଲ୍‌ଦି ଲାଇଫ୍’ର ଶୁଭାରମ୍ଭ

ଭୁବନେଶ୍ୱର: ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଏବଂ ଆପୋଲୋ ହସ୍ପିଟାଲ୍ ମିଳିତ ହୋଇ ‘ଦି ହେଲ୍‌ଦି ଲାଇଫ୍’ ନମାକ ଏକ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ଶୁଭାରମ୍ଭ କରିଛନ୍ତି । ଏହି ପ୍ରୋଗ୍ରାମ ଦ୍ୱାରା ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ସମସ୍ତ ଗ୍ରାହକ ସହଜ ଏବଂ ସୁଲଭ ବ୍ୟାଙ୍କିଙ୍ଗ୍ ସେବା ଚୟନ କରି ଦେଶର ଯେକୌଣସି ଆପୋଲୋ ୨୪/୭ ରେ ନିଜର ଚିକିତ୍ସା କରାଇପାରିବେ । ଏହି ଅନନ୍ୟ ସେବାକୁ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ ଓ ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି ଏବଂ ଏମାନଙ୍କ ସହ ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନି ଏବଂ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଏମ୍‌ଡି ଡେଜିଗ୍‌ନେଟ୍ ଶ୍ରୀଯୁକ୍ତ ଶଶୀଧର ଜଗଦିସ୍ନ ମଧ ଉପସ୍ଥିତ ରହିଥିଲେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଗ୍ରାହକମାନେ ଦି ହେଲ୍‌ଦି ଲାଇଫ୍ ସେବା ଦ୍ୱାରା ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୂର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉତ୍ତମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୂର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

# ଖେଳ





Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


## ହାତୀ ଆକ୍ରମଣରେ ମୃତ ବିଜୟଙ୍କ ପରିବାରକୁ ସହଯୋଗ ପକ୍ଷରୁ ସହାୟତା

ଖୋର୍ଦ୍ଧା,(ପି.ଏନ): ଗତ ଅକ୍ଟୋବର ମାସ ୩୧ ତାରିଖ ଦିନ ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଡ଼ିଆ ପଞ୍ଚାୟତ ଭୋଇସାହି ଗ୍ରାମର ଘରୋଇ ଶିକ୍ଷକ ବିଜୟ କୁମାର ପଟ୍ଟନାୟକ ଟିଉସନ ସାରି ଘରକୁ ଫେରୁଥିବାବେଳେ ହାତୀ ଆକ୍ରମଣ କରି ଦଳି ଦେଇଥିଲା। ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଦିନେ ଖାଇଲେ ଦିନେ ଉପବାସ ରହୁଥିବା ଉକ୍ତ ଅସହାୟ ପରିବାରରେ ମୃତ ବିଜୟଙ୍କ ପତ୍ନୀ ଓ ଦୁଇ ଝିଅ ରହିଛନ୍ତି। ତେଣୁ ତାଙ୍କ ପରିବାର ପ୍ରତି ବିଭିନ୍ନ ଆଡ୍ରୁ ସହାନୁଭୂତିର ହାତ ବଢ଼ିଛି। ଆଜି ଅଣପଞ୍ଜୀକୃତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଯୋଗ ତରଫରୁ ନିଜ ସଭ୍ୟମାନଙ୍କ ଦ୍ୱାରା ପ୍ରଦତ୍ତ କିଛି କିଛି ଅର୍ଥ ମାଧ୍ୟମରେ ମୃତ ବିଜୟଙ୍କ ପରିବାରକୁ ଯଥା ସମ୍ଭବ ସହଯୋଗ କରାଯାଇଛି। ତାଙ୍କ ପରିବାରକୁ ସହଯୋଗ ପରିବାର ତରଫରୁ ଚାଉଳ,ଚୁଡ଼ା, ଚିନି, ସହିତ ବିଭିନ୍ନ ରାସନ ସାମଗ୍ରୀ, ଶୀତବସ୍ତ୍ର ଓ



ନଗଦ ୩ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସହଯୋଗର ସକ୍ରିୟ ବରିଷ୍ଠ ସଭ୍ୟ ମହେଶ୍ୱର ବେହେରା, ମାନସ ଚନ୍ଦ୍ର ପଟ୍ଟନାୟକ, ପ୍ରତ୍ୟୁଷ କୁମାର ସାମନ୍ତରାୟ, ଦେବାଶିଷ ବିଶ୍ୱଭୂଷଣ ପାହାଡ଼ାସିଂହ, ପୂଜା ବେହେରା, ରାଜେଶ ପ୍ରତିହାରୀ, ସଞ୍ଜୟ କୁମାର ଜେନା, ମୁନମୁନ ବଳିୟାରସିଂହ, ରଘୁନାଥ ଭୂୟାଁ, ସସ୍ମିତା ମହାନ୍ତି, ଶ୍ୟାମସୁନ୍ଦର ପଟ୍ଟନାୟକ, ଲଛମନ ନାୟକ,ରତ୍ନାକର ଜୟସିଂହ ଓ ଦାଶରଥି ବିଶୋଇ ପ୍ରମୁଖ ସହଯୋଗର ହାତ ବଢାଇଥିଲେ। କାର୍ଯ୍ୟକ୍ରମକୁ ସହଯୋଗ ଆବାହକ ହିମାଂଶୁ ଭୂଷଣ ଚମ୍ପତିରାୟ ସଞ୍ଚାଳନ କରିଥିଲେ।

## କଙ୍ଗନାଙ୍କ ବିରୋଧରେ ଏତଲା

ଭୁବନେଶ୍ୱର, (ପି.ଏନ): ବଲିଉଡ୍ ଅଭିନେତ୍ରୀ କଙ୍ଗନା ରଣାଓ୍ୱତଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ କରିବା ପାଇଁ ଆଜି ଆମ ଅଧିକାର ପକ୍ଷରୁ ଆବାହକ ଅମିୟ ପାଣ୍ଡବ ଓ ମହାସଚିବ ଗଣେଶ ଦାଶ କ୍ୟାପିଟାଲ ଥାନାରେ ଏତଲା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, କଙ୍ଗନା ଏକ ଘରୋଇ ଟିଭି ଚ୍ୟାନେଲ କାର୍ଯ୍ୟକ୍ରମରେ କହିଥିଲେ, ୧୯୪୭ ମସିହାରେ ଭାରତ ଯେଉଁ ସ୍ୱାଧୀନତା ପାଇଥିଲା ବୋଲି କୁହାଯାଇଛି, ତାହା 'ଭିକ' ଥିଲା। ୨୦୧୪ ମସିହାରେ ମୋଦି କ୍ଷମତାକୁ ଆସିବା ପରେ ହିଁ ପ୍ରକୃତ ସ୍ୱାଧୀନତା ଆସିଛି। ଏହା ନିଜ ଜୀବନ ଯୌବନକୁ କାରାଗାର ଓ ଫାଶିଖୁଂଟରେ ଉତ୍ସର୍ଗ କରିଦେଇଥିବା ସ୍ୱାଧୀନତା ସଂଗ୍ରାମୀ, ମହାପୁରୁଷ ଓ ଶହୀଦ ମାନଙ୍କ ପାଇଁ ପ୍ରଚଣ୍ଡ ଅପମାନ। ସେମାନଙ୍କୁ ପରୋକ୍ଷରେ ଭିକାରୀ କହିବା ଦେଶଦ୍ରୋହ ସହ ସମାନ।

## ଚଣ୍ଡିଖୋଲରେ ବଡ଼ଚଣା ବ୍ଲକ୍ କଂଗ୍ରେସ ପକ୍ଷରୁ ବନ୍ଦ ପାଳନ

ଚଣ୍ଡିଖୋଲ,(ପି.ଏନ୍): ପ୍ରଦେଶ କଂଗ୍ରେସ କମିଟିର ନିର୍ଦ୍ଦେଶ କ୍ରମେ ଆଜି ବଡ଼ଚଣା ବ୍ଲକ୍ କଂଗ୍ରେସ କମିଟି ପକ୍ଷରୁ ଚଣ୍ଡିଖୋଲ ଛକଠାରେ ବନ୍ଦ ପାଳନ କରାଯାଇଛି। ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ ବଡ଼ଚଣା ବ୍ଲକ୍ କଂଗ୍ରେସ କମିଟିର ସଭାପତି ଉମେଶ କୁମାର ଜେନାଙ୍କ ନେତୃତ୍ୱରେ ଚଣ୍ଡିଖୋଲ ଛକ ସ୍ଥିତ ବୁଦ୍ଧମୂର୍ତ୍ତି ସମ୍ମୁଖରେ ଶତାଧିକ କଂଗ୍ରେସ କର୍ମୀଙ୍କ ସହିତ ଧାରଣାରେ ବସିଥିଲେ। ଏହି ବନ୍ଦ ପାଳନରେ ବଡ଼ଚଣା କଂଗ୍ରେସ ନେତା କ୍ୟାପଟେନ୍ ରାଜ ନାରାୟଣ ମହାପାତ୍ର ଯୋଗଦେଇ ଧାରଣାରେ ବସି ରହିଥିଲେ। ମମିତା ମେହେରଙ୍କ ହତ୍ୟାକାଣ୍ଡରେ ଯେଉଁମାନେ ସଂପୃକ୍ତ ଅଛନ୍ତି ସେମାନଙ୍କ ବିରୁଦ୍ଧରେ ଆଜି ପର୍ଯ୍ୟନ୍ତ ରାଜ୍ୟରେ ଚାଲୁଥିବା ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପାରୁ ନାହାଁନ୍ତି। ମମିତା ମୃତ୍ୟୁ ପୂର୍ବରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ଭଳି ନାରକୀୟ ହତ୍ୟାକାଣ୍ଡ ଘଟିଥିଲେ ମଧ୍ୟ ସରକାର କୌଣସି ପଦକ୍ଷେପ ନେଇ ପାରିଲେ ନାହିଁ। ରାଜ୍ୟରେ ଆଇନ୍ ଶୃଙ୍ଖଳା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ଅବସ୍ଥାରେ ପଂହଚିଛି। ମମିତା ହତ୍ୟାକାଣ୍ଡରେ ଜଡ଼ିତ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ



କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କୁ ତୁରନ୍ତ ମନ୍ତ୍ରୀ ମଣ୍ଡଳରୁ ବିଦା କରାଯାଇ ଗିରଫ କରାଯାଉ। ଯଦି ସରକାର ଏଭଳି କାର୍ଯ୍ୟ ଗ୍ରହଣ ନ କରନ୍ତି ତାହାଲେ ଏହିପରି କଂଗ୍ରେସ ପକ୍ଷରୁ ଧାରଣା ଆଗାମୀ ଦିନରେ ତିବ୍ରତର ରୂପନେବ ବୋଲି କ୍ୟାପଟେନ୍ ରାଜ ନାରାୟଣ ମହାପାତ୍ର ପ୍ରକାଶ କରିଥିଲେ। ଏଥିରେ ବରିଷ୍ଠ କଂଗ୍ରେସ ନେତା ଶରତ ଚନ୍ଦ୍ର ଜେନା, ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ଯୋଗେନ୍ଦ୍ର ନାୟକ, ଯୁବ କଂଗ୍ରେସ ନେତା ପ୍ରଦୀନ୍ତ ମହାନ୍ତି, ଅଶୋକ ସାମଲ, ସଂଗ୍ରାମ ଜେନା, ମଦନମୋହନ ବଳ, ପ୍ରବୀର ବଳ, ଯାଜପୁର ଜିଲା କଂଗ୍ରେସ ସାଧାରଣ ସଂପାଦକ ଜୟ ପ୍ରକାଶ ବିଶ୍ୱାଳ, ରାଜେଶ ସାମଲ, ପ୍ରାକ୍ତନ ସରପଂଚ ଶ୍ରୀଚରଣ ମଲିକ, ଉପେନ୍ଦ୍ର ବ୍ରହ୍ମ, ଯୁବନେତା ଜନ୍ମେଜୟ ନାୟକ, ରମାକାନ୍ତ ମାହାନ୍ତ, ଗୌରାଙ୍ଗ ଦାସ, ପୂର୍ଣ୍ଣଚନ୍ଦ୍ର ବେହେରା, ବିପିନ୍ ପ୍ରତାପ, ପଦ୍ମଲାଭ ମହାରଣା, ମାନ ଗୋବିନ୍ଦ ଦାସ, ଭୁବନାନନ୍ଦ ସାହୁ, ନଳିନୀକାନ୍ତ ଜେନା, ସନ୍ତୋଷ ଜେନା, ପ୍ରଦୀପ୍ତ ପ୍ରଧାନ, କୁଳମଣି ଦଳାଇ, ବିଚିତ୍ରାନନ୍ଦ ଜେନା, ସୁଖ୍ୟାନ୍ ଖାନ୍, କାମରୁଜ୍ ଖାନ୍ ପ୍ରମୁଖ ଯୋଗଦେଇ ମମତା ମେହେର ହତ୍ୟାକାଣ୍ଡରେ ଲିପ୍ତଥିବା ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର, ମୁଖ୍ୟମନ୍ତ୍ରୀଙ୍କ ବିରୁଦ୍ଧରେ ନାରାବାଜି କରିଥିଲେ। ଶେଷରେ ମୁଖ୍ୟମନ୍ତ୍ରୀ, ଗୃହ ରାଷ୍ଟ୍ରମନ୍ତ୍ରୀ ଓ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ କୁଶ ପୁତଳିକା ଦାହ କରାଯାଇଥିଲା। ପ୍ରକାଶ ଥାଉକି ଚଣ୍ଡିଖୋଲ ଛକ ଥିବା ବ୍ୟାଙ୍କ, ଦୋକାନ ବଜାର ଖୋଲାଥିବା ବେଳେ ଗାଡ଼ି ମଟର ମଧ୍ୟ ଆଶିଂକ ଭାବେ ଚଳାଚଳ କରୁଥିବା। ବଡ଼ଚଣା ଥାନାଧିକାରୀଙ୍କ ପକ୍ଷରୁ ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଓ ପୋଲିସ୍ ବାହାନୀ ଆଇନ୍ ଶୃଙ୍ଖଳା ରକ୍ଷା କରିଥିଲେ।

## ଶହୀଦ ଜୟୀ ରାଜଗୁରୁଙ୍କ ୨୮୨ତମ ଜୟନ୍ତୀ ପାଳିତ

ଭୁବନେଶ୍ୱର,(ପି.ଏନ): ଭାରତ ବର୍ଷର ପ୍ରଥମ ଶହୀଦ ଜୟକୃଷ୍ଣ ରାଜଗୁରୁ (ଜୟୀ ରାଜଗୁରୁ)ଙ୍କ ୨୮୨ତମ ଜୟନ୍ତୀ ଉତ୍ସବ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱର ଏ.ଜି. ଛକସ୍ଥିତ ତାଙ୍କ ପ୍ରତିମୂର୍ତି ସ୍ଥଳୀରେ ଭକ୍ତିପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବକ୍ତାମାନେ କହିଥିଲେ ବ୍ରିଟିଶ୍ ସରକାର ବିରୁଦ୍ଧରେ ପାଇକ ବିଦ୍ରୋହ ଥିଲା ପ୍ରଥମ ସ୍ୱାଧୀନତା ଆନ୍ଦୋଳନ । ଏହି ଆନ୍ଦୋଳନରେ ମୁଖ୍ୟ ସେନାପତି ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ ଜୟୀ ରାଜଗୁରୁ । ଓଡ଼ିଶାବାସୀଙ୍କ ସ୍ୱାଭୀମାନ ରକ୍ଷା ସହ ଓଡ଼ିଶା ମାଟିକୁ ବ୍ରିଟିଶ୍ ଶାସନରୁ ମୁକ୍ତ କରିବା ପାଇଁ ହୋଇଥିବା ଦୁର୍ବାର ସଶସ୍ତ୍ର ପାଇକ ବିଦ୍ରୋହର ସେ ନେତୃତ୍ୱ ନେଇଥିଲେ । ସାହସିକତାର ସହିତ ଲଢେଇ କରି ବ୍ରିଟିଶ୍ ସୈନବାହିନୀକୁ ଭୀତତ୍ରସ୍ତ କରିଥିଲେ । ପରିଶେଷରେ ବ୍ରିଟିଶ୍ ସେନା ହାତରେ ଧରାପଡ଼ି ସେ ଅତ୍ୟନ୍ତ ଦୟନୀୟ ଭାବରେ ଫାଶୀ ପାଇଥିଲେ । ତାଙ୍କର ବଳିଦାନ ଓଡ଼ିଶାବାସୀଙ୍କୁ ସବୁବେଳେ ବୀରତ୍ୱର ଗାଥା ପ୍ରଦାନ କରିଆସିଛି ବୋଲି ବକ୍ତାମାନେ ମତ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ଡ଼ଃ ସୁରେଶ ଚନ୍ଦ୍ର ଦଳେଇ, ନିର୍ଦ୍ଦେଶକ ରଂଜନ କୁମାର ଦାସ, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥି, ସୀତାବଲ୍ଲଭ ମହାପାତ୍ର, ବି. ମୁରଲୀଧର, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ ଓ ସୁଜାତା ମୁଦୁଲି ପ୍ରମୁଖ ଯୋଗଦେଇ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଦୀପଦାନ କରିଥିଲେ।

## ପାରାଦୀପ କାର୍ଯ୍ୟରତ ସାମ୍ବାଦିକଙ୍କ ପକ୍ଷରୁ ମେଗା ବୃକ୍ଷ ରୋପଣ କାର୍ଯ୍ୟକ୍ରମ




ପାରାଦୀପ,(ପି.ଏନ): ଦୀର୍ଘ ଦିନ ପରେ କରୋନା ମହାମାରୀ କଟକଣା କୋହଳ ହେବା ପରେ ବନ୍ଦର ସହର ପାରାଦୀପ ରେ କାର୍ଯ୍ୟରତ ସାମ୍ବାଦିକ ଙ୍କ ପକ୍ଷରୁ ଶନିବାର ଦିନ ଏକ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ନଭେମ୍ବର ୧୬ ତାରିଖ ମଙ୍ଗଳବାର ଦିନ 'ଜାତୀୟ ପ୍ରେସ ଦିବସ ' ପରିପ୍ରେକ୍ଷୀରେ ସାମ୍ବାଦିକ ଶଶାଙ୍କ ଆଚାର୍ଯ୍ୟ, ସ୍ୱାଧୀନଚେତା ଦାସମହାପାତ୍ର, ସଞ୍ଜୟ ମିଶ୍ର,ନାରଣ ବେହେରା,ରତ୍ନାକର ଜେନା, ରବୀନ୍ଦ୍ର ଜେନା, ଦୀପକ ଦାସ, ଜଗନ୍ନାଥ ଶତପଥୀ, ସୁଧାଂଶୁ ନାୟକ, ରାଜେନ୍ଦ୍ର ଶୁକ୍ଲା ଙ୍କ ତତ୍ୱାବଧାନ ଓ ବନ ବିଭାଗ ସହଯୋଗ ରେ ପୌରପାଳିକା କାର୍ଯ୍ୟାଳୟ ନିକଟସ୍ଥ ମସଜିଦ ରାସ୍ତା ପାର୍ଶ୍ୱ ରେ ବିଭିନ୍ନ ପ୍ରକାରର ଫଳ ବୃକ୍ଷ ରୋପଣ କରାଯାଇଥିଲା। ଏଥିରେ ବରିଷ୍ଠ ସାମ୍ବାଦିକ ଗଗନ ବିହାରୀ ସାହୁ, ଶୁକଦେବ ଜେନା, ଶରତ ରାଉତ, ରାମଚନ୍ଦ୍ର ସ୍ୱାଇଁ, ଅମୀୟ ଦାସ, ଆଦିତ୍ୟ ରାଉତରାୟ ସମେତ ବିଭିନ୍ନ ଗଣମାଧ୍ୟମ ର ପଚ୍ଚାଶରୁ ଉର୍ଦ୍ଧ କାର୍ଯ୍ୟକାରୀ ସାମ୍ବାଦିକ ଯୋଗ ଦେଇ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରିଥିଲେ।

## ବିଜେପି ନେତା ସୁଶାନ୍ତ ଦାସଙ୍କ ବିୟୋଗରେ ଶୋକ

ଚଣ୍ଡିଖୋଲ,(ପି.ଏନ୍):ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ କ୍ଷେତ୍ରପାଳ ପଂଚାୟତ ସିଧିପୁର ଗ୍ରାମର ବିଜେପି ଯୁବନେତା ସୁଶାନ୍ତ ଦାସ(କୁଜା)ଙ୍କ ଅକାଳ ବିୟୋଗରେ ଗଭିର ଶୋକର ଛାୟା ଖେଳି ଯାଇଛି। ସୁଶାନ୍ତ ଜଣେ ଭଦ୍ର ଯୁବକଭାବେ ସାଧାରଣ ଲୋକମାନଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ। ସେ ଜ୍ୱରରେ ପଡ଼ିଥିବାରୁ ତାଙ୍କୁ ଗତକାଲି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ତାଙ୍କ ପରିବାର ଲୋକ ନେଇଥିଲେ। ସେଠାରେ ପଂହଚିବା କ୍ଷଣି ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଜ୍ୱରରେ ପିଡ଼ୀତ ହୋଇଥିଲେ ମଧ୍ୟ ତାଙ୍କର ହୃଦଘାତରେ ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁ ଖବର ପାଇ ଧର୍ମଶାଳାର ବିଜେପି ନେତ୍ରୀ ସ୍ମୃତିରେଖା ପହି ମୃତ୍ୟୁ ସୁଶାନ୍ତଙ୍କ ଘର ପାଖରେ ପଂହଚି ଶୋକ



ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ତାଙ୍କ ମର ଶରୀରକୁ ସିଧିପୁର, ଗୋପାଳପୁର ଓ ନୂଆପଡ଼ା ଗ୍ରାମର ପରିକ୍ରମା କରାଯାଇ ଗ୍ରାମ ଶ୍ମଂଶାନରେ ଶବ ଦାହ କରାଯାଇଥିଲା। ତାଙ୍କର ଅକାଳ ମୃତ୍ୟୁରେ ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର, କଂଗ୍ରେସ ନେତା ଶ୍ରୀନାଥ ମିଶ୍ର, ଯାଜପୁର ଜିଲା ବିଜେପିର ମହାସଚିବ ଡ଼ଃ ପ୍ରିୟନାଥ ମହାପାତ୍ର, ବିଶ୍ୱନାଥ ରାଉତ, ସରପଂଚ ଶାନ୍ତିଲତା ସାହୁ, ଦୂର୍ଯ୍ୟଧନ ମହାପାତ୍ର, ଗୋପିନାଥ ମହାପାତ୍ର, ସାମ୍ବାଦିକ ଶିବରାମ ସାହୁ, ସୁଶାନ୍ତ ନାୟକ, କଂଗ୍ରେସ ନେତା କୁଳମଣି ସ୍ୱାଇଁ, ପଂଚାନନ ପରିଡ଼ା, ରବିନ୍ଦ୍ର ଦାସ, ଯଚିନ୍ଦ୍ର ମହାପାତ୍ର, ହିମାଂଶୁ ମହାପାତ୍ର, ସୁଧିର ଖଣ୍ଡେଇ. ରଂଜିତ୍ ପରମାଣିକ, ଅଶୋକ ସାହୁ, ଫକୀର ନାରାୟଣ ମିଶ୍ର, ସୁଶାନ୍ତ ମହାପାତ୍ର, ଉଦୟନାଥ ସାହୁ, ସତ୍ୟାନନ୍ଦ ଖଣ୍ଡାଇ, ସଚ୍ଚିଦାନନ୍ଦ ବେହେରା, ରତିକାନ୍ତ ମହାପାତ୍ର, ସନାତନ ଓଝା, ହିମାଂଶୁ ଖଣ୍ଡାଇ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ତାଙ୍କର ଏକମାତ୍ର ପୁତ୍ର ଓ ବିଧବା ପତ୍ନୀଙ୍କୁ ସମବେଦନା ଜଣାଉଛନ୍ତି।

## ବିଶ୍ୱ ଓଡ଼ିଶା ସମାଜର ଭାରତୀୟ ମଣ୍ଡଳ ଗଠନ : ବିପିନ ମିଶ୍ର ସଭାପତି, ବିଜୟ ସେନାପତି ସାଧାରଣ ସମ୍ପାଦକ ନିଯୁକ୍ତ



ମୁମ୍ବାଇ / ନୂଆଦିଲ୍ଲୀ / ହାଇଦ୍ରାବାଦ / ବିଶାଖାପାଟଣା / କୋଲକାତା / ଭୁବନେଶ୍ୱର, (ପି.ଏନ): ବିଶ୍ୱ ଓଡ଼ିଶା ସମାଜ (ବିଓସ)ର ଭାରତୀୟ ମଣ୍ଡଳ ଗଠନ କରାଯାଇଛି। ବିଶିଷ୍ଟ ସମାଜସେବୀ, ସ୍ୱର୍ଯ୍ୟକ୍ଷେତ୍ର ଦାତବ୍ୟ ଫାଉଣ୍ଡେସନର ପ୍ରତିଷ୍ଠାତା ଏବଂ ମୁମ୍ବାଇ ଓଡ଼ିଆ ମହାସଂଘର ଅଧ୍ୟକ୍ଷ ଡଃ ବିପିନ୍ ମିଶ୍ର ବିଓସର ଭାରତ ମଣ୍ଡଳର ସଭାପତି ଦାୟିତ୍ୱ ବହନ କରିଛନ୍ତି। ବିଶାଖାପାଟଣା ସ୍ଥିତ ଉତ୍କଳ ସାଂସ୍କୃତିକ ସମାଜର ସଭାପତି ତଥା ସେଠାକାର ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ମୁଖ୍ୟ ଜେ.କେ. ନାୟକ ବିଓସର ଭାରତ ଶାଖାର ଉପସଭାପତି ମନୋନୀତ ହୋଇଛନ୍ତି। କୋଲକାତାର ଉତ୍କଳୀୟ ମିଳିତ ମଞ୍ଚର ସଭାପତି ରବି ମହାପାତ୍ର ବିଓସର ଭାରତ ମଣ୍ଡଳର ଅନ୍ୟତମ ଉପସଭାପତି ପଦଭାର ଗ୍ରହଣ କରିଛନ୍ତି। ହାଇଦ୍ରାବାଦରେ ଅବସ୍ଥାପିତ ପ୍ରତିଷ୍ଠିତ ଶିଳ୍ପୋଦ୍ୟୋଗୀ ଏବଂ ସେଠାକାର ବାଞ୍ଜରା ହୀଲ୍ସଠାରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରକୁ ପରିଚାଳନା କରୁଥିବା କଳିଙ୍ଗ ସାଂସ୍କୃତିକ ଟ୍ରଷ୍ଟର ସାଧାରଣ ସମ୍ପାଦକ ବିଜୟ କୁମାର ସେନାପତି ବିଓସର ଭାରତୀୟ ମଣ୍ଡଳର ସାଧାରଣ ସମ୍ପାଦକ ନିଯୁକ୍ତ ହୋଇଛନ୍ତି। ବିଓସର ଭାରତୀୟ ଶାଖାର ଦୁଇ ଯୁଗ୍ମ ସାଧାରଣ ସମ୍ପାଦକ ଭାବେ ନୂଆଦିଲ୍ଲୀସ୍ଥିତ ଓଡ଼ିଶା ଫୋରମର ଯୁଗ୍ମ ସମ୍ପାଦକ ନିବେଦିତା ଗିରି ଏବଂ ଭୁବନେଶ୍ୱର ସ୍ଥିତ କ୍ରିୟା ଫାଉଣ୍ଡେସନର ପ୍ରତିଷ୍ଠାତ୍ରୀ ଲିଲି ଜେନାମଣି ମନୋନୀତ ହୋଇଛନ୍ତି। ବିଶ୍ୱ ଓଡ଼ିଶା ସମାଜର ଭାରତୀୟ ମଣ୍ଡଳର ନବନିଯୁକ୍ତ ସମସ୍ତ କର୍ମକର୍ତ୍ତାଙ୍କୁ ବିଓସର ଆର୍ନ୍ତରାଷ୍ଟ୍ରୀୟ ଅଧ୍ୟକ୍ଷ କିଶୋର ଦ୍ୱିବେଦୀ ହାର୍ଦ୍ଦିକ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ସାରା ବିଶ୍ୱର ଓଡ଼ିଆ ସମ୍ପ୍ରଦାୟକୁ ଗୋଟିଏ ମଞ୍ଚରେ ଏକଜୁଟ୍ କରିବା, ମାତୃପ୍ରଦେଶ ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ସାଧନ କରିବା ପାଇଁ ବ୍ରତୀ ହେବା ଏବଂ ୨୦୩୬ ମସିହାରେ ଓଡ଼ିଶା ଗଠନର ଶହେ ବର୍ଷ ପୂର୍ତ୍ତି କାଳରେ ପୁନର୍ବାର ସ୍ୱର୍ଣ୍ଣାଭ ଓଡ଼ିଶାକୁ ଗଢ଼ିତୋଳିବା ପାଇଁ ପ୍ରତିଜ୍ଞାବଦ୍ଧ ହେବା ଆଦି ବିଓସର ମୁଖ୍ୟ ଲକ୍ଷ୍ୟ ଗୁଡ଼ିକୁ କାର୍ଯ୍ୟକାରୀ କରିବା ତଥା ବିଓସକୁ ପ୍ରତ୍ୟେକ ଓଡ଼ିଆଙ୍କର ଘରେ ଘରେ ପହଁଚାଇବା ପାଇଁ ଭାରତୀୟ ମଣ୍ଡଳ ସମର୍ପିତ ପ୍ରୟାସ କରିବ ବୋଲି ଶ୍ରୀ ଦ୍ୱିବେଦୀ ଦୃଢ଼ ଆଶା ପୋଷଣ କରିଛନ୍ତି।


ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884, 2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray